## ସଂକ୍ଷେପରେ

### ମିଳିତ ଚଢାଉ: ୭୪ହଜାର ଟଙ୍କା ଜରିମାନା

**କୁଚିଣ୍ଡା,୨୫।୮(ଡି.ଏନ.ଏ.):** ଗୋବିନ୍ଦପୁର ଥାନା ଅଞ୍ଚଳରେ ଗୁରୁବାର ଡ୍ରଗ୍ସ, ପୋଲିସ, ଅବକାରୀ ଓ ଫୁଡ୍‌ସେଫ୍‌ଟି ବିଭାଗ ମିଳିତ ଚଢାଉ କରି ମୋଟ ୭୪ହଜାର ଟଙ୍କା ଜରିମାନା ଆଦାୟ କରିଛି। ସ୍କୁଲଠାରୁ ୧୦୦ମିଟର ମଧ୍ୟରେ ବସ୍‌ଷ୍ଟାଣ୍ଡ ଭଳି ସର୍ବସାଧାରଣ ସ୍ଥାନ ଓ ଡାକ୍ତରଖାନା ପାଖରେ ଗୁଟ୍‌ଖା ଆଦି ସାମଗ୍ରୀ ବିକ୍ରି କରୁଥିବା ୨୫ଜଣ ଦୋକାନୀଙ୍କଠାରୁ ୪୯ହଜାର ଟଙ୍କା ଓ ୩ଜଣ ହୋଟେଲ, ଜଳଖିଆ ଆଦି ଦୋକାନୀଙ୍କଠାରୁ ୨୫ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଚଢାଉରେ ଜିଲା ଏନ୍‌ଟିସିପି ସ୍ୱାଗତିକା ବେହେରା, ଫୁଡ୍‌ସେଫ୍‌ଟି ଅଧିକାରୀ ଅଞ୍ଜୁ ଏକ୍କା, ଡ୍ରଗ୍ସ ଇନ୍‌ସପେକ୍ଟର ସତ୍ୟ ନାରାୟଣ ମଲ୍ଲିକ, ଅବକାରୀ ଇନ୍‌ସପେକ୍ଟର ବିଷ୍ଣୁଚରଣ ମଲ୍ଲିକ, ଗୋବିନ୍ଦପୁର ଆଇଆଇସି ଅଜୟ କୁମାର ଜେନା, ସବ୍‌ଇନ୍‌ସପେକ୍ଟର ମଧୁସ୍ମିତା ନାଏକ ପ୍ରମୁଖ ସାମିଲ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

**କୁଚିଣ୍ଡା,୨୫।୮(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଖଣ୍ଡୋକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗ ପକ୍ଷରୁ ଗୁରୁବାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗେନ୍ଦ୍ର ଭଇଁସା ମୁଖ୍ୟଅତିଥି ଓ ପ୍ରମୋଦ କଟୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ଭବିଷ୍ୟତ ଗଠନରେ ମାଆମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରୂପଧର ସେଠ, ବାଟିକା ପ୍ରମୁଖ ମମତା ପଟେଲ ଓ ପ୍ରଧାନ ଆଚାର୍ଯ୍ୟ ଲିଲୁ ପୃଷେଠ ଯୋଗଦେଇଥିଲେ। ଏଥିରେ ମୋଟ ୨୯ ଜଣ ମାତୃମଣ୍ଡଳୀ, ୧୫ ଶିଶୁ ଭଉଣୀ ଭାଇ ଓ ୧୨ଜଣ ଗରୁମା ଗୁରୁଜୀ ଯୋଗଦେଇଥିଲେ। ମମତା ପଟେଲ ବୌଦ୍ଧିକ ପରିଚାଳନା କରି ଥିବାବେଳେ ସମ୍ପାଦକ ଚନ୍ଦ୍ରମଣି ନାୟକ ଧନ୍ୟବାଦ ଦେଇଥିଲେ।

### ସୁରଜମଲ କଲେଜରେ ଗଙ୍ଗାଧର ଜୟନ୍ତୀ

**ରେଙ୍ଗାଲି,୨୫।୮(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ କଲେଜରେ ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ ତମ ଜୟନ୍ତୀ ପାଳନ କରାଯାଇଛି। କଲେଜ ଅଧକ୍ଷ ଡ଼. ମନୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର ସରକାରୀ ମହିଳା କଲେଜର ଓଡ଼ିଆ ବିଭାଗ ପ୍ରାଧାପକ ଅଖିଳ ବିଶ୍ୱାଳ ମୁଖ୍ୟଅତିଥି ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ଅଧାପକ ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ ପରିଷଦ ପକ୍ଷରୁ ବକ୍ତୃତା ଓ ଗଙ୍ଗାଧର ମେହେରଙ୍କ କବିତା ପଠନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କଲେଜ ଅଧାପକ ନରେଶ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗଙ୍ଗାଧର ସାହିତ୍ୟ ଗବେଷକ ପ୍ରବନ୍ଧକ ପ୍ରଫେସର ଦେବେନ୍ଦ୍ର କୁମାର ନାଥଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ବୈଷୟିକ ଶିକ୍ଷା କ୍ଷେତ୍ରରେ ଭିସୁଟ୍ ମାଇଲଖୁଣ୍ଟ ହେବ: ବିଜେଡି

**ସମ୍ବଲପୁର,୨୫।୮(ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ୫ ଟି ସଚିବ ଭି.କେ. ପାଣ୍ଡିୟାନ ଗୁରୁବାର ସମ୍ବଲପୁର ଜିଲା ଗସ୍ତରେ ଆସି ବୁର୍ଲା ଭିସୁଟ୍ ପରିଦର୍ଶନ କରିଥିଲେ। ଭିସୁଟ୍ ଭିତ୍ତିଭୂମିର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୦୦ କୋଟି ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ଏହାକୁ ଜିଲା ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ବିଜେଡି ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାଶ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଭିସୁଟ୍ ଉନ୍ନତୀକରଣ ପାଇଁ ୧୦୦୦କୋଟି ଟଙ୍କା ଦେଇଛନ୍ତି। ଏଥିରେ ଭିସୁଟ୍‌ରେ ଆନୁଷଙ୍ଗିକ ବ୍ୟବସ୍ଥା ସହ ଭିତ୍ତିଭୂମିର ବିକାଶ କରାଯିବ। ଏବେ ଭିସୁଟ୍ ଦେଶ ଓ ଦେଶ ବାହାରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆଗକୁ ଏହି ଯୋଜନାରେ ବିକାଶ ହେବ, ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି କହିଛନ୍ତି।

# ଏସ୍‌ପି ଅଫିସରେ ମୁଣ୍ଡିଆ ମାରି ଗୁହାରି କଲେ ରଜନୀ

**ସମ୍ବଲପୁର,୨୫।୮(ବ୍ୟୁରୋ)**

ସ୍ୱାମୀ ପ୍ରାୟ ଏକମାସ ହେବ ଦାଦନ ଖଟିବାକୁ ଯାଇ ଆଉ ଫେରିନାହାନ୍ତି। ସ୍ୱାମୀ ଗଲାପରେ ପରିବାର ପୋଷଣ ହୋଇ ପାରୁନାହିଁ। ଛୋଟ ପିଲାମାନେ ଥିବାରୁ ରୋଜଗାର କରିବାକୁ ଯାଇ ପାରୁନାହିଁ। ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଝୁଝୁମୁରା ଥାନା ପୋଲିସ ପାଖକୁ ଯାଇଥିଲି। ସେମାନେ ନାମ ଓ ଠିକଣା ଲେଖିଥିଲେ ମଧ ଖୋଜି ଯିବାକୁ ଆମକୁ ଗାଡି ଦରକାର ବୋଲି କହିଥିଲେ। ପରିବାର ଭୋକ ଉପାସରେ ରହିଥିବାବେଳେ ପୋଲିସକୁ କିଭଳି ଗାଡି ଯୋଗାଇ ଦେବି। ପ୍ରଶାସନ, ପୋଲିସ, ସହୃଦୟ ବ୍ୟକ୍ତି ମୋ ସ୍ୱାମୀଙ୍କୁ ଖୋଜି ଆଣିବାରେ ସହଯୋଗ କରନ୍ତୁ ବୋଲି ଝୁଝୁମୁରା ଛାମୁଣ୍ଡା ଗ୍ରାମର ରଜନୀ ସୁନାକାଠିଆ ଗୁରୁବାର ଏସ୍‌ପି ଅଫସରେ ମୁଣ୍ଡିଆ ମାରି ଗୁହାରି କରିଛନ୍ତି।

ସେ ଅଭିଯୋଗ କରିଛନ୍ତି, ଜୁଲାଇ ୧୯ରେ ଗ୍ରାମର ଜଣେ ଦଲାଲ ସ୍ୱାମୀ ରାଜୁଙ୍କୁ ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ କାମ କରିବାକୁ ନେଇଥିଲେ। ଗ୍ରୁପ ଋଣ ପରିଶୋଧ କରିବା ଆଶାରେ ସେ ଗ୍ରାମର ଅନ୍ୟ ୪ ଜଣଙ୍କ ସାଙ୍ଗରେ ଚାଲି ଯାଇଥିଲେ। ସେଠାରେ ମାଲିକଙ୍କ ଅତ୍ୟାଚାର ସହି ନ ପାରି ୧୫ଦିନ ଭିତରେ ସମସ୍ତେ ଗ୍ରାମକୁ ଫେରିଥିଲେ ମଧ ସ୍ୱାମୀ ଫେରିଲେ ନାହିଁ। ଏହାକୁ ନେଇ ଝୁଝୁମୁରା ଥାନାରେ ୨ ଥର ଅଭିଯୋଗ କରିବାକୁ ଯାଇଥିଲି। ହେଲେ ସୁଫଳ ମିଳିଲା ନାହିଁ ବୋଲି ଅଭିଯୋଗ କରିଥିଲେ। ଏହି ସମୟରେ ଝୁଝୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଭାଜପା ମଣ୍ଡଳ ସଭାପତି ଓମ୍ ପ୍ରକାଶ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭ୍ୟ ପ୍ରଧାନ କହିଛନ୍ତି, ପୋଲିସ ଲୋକଙ୍କ ସୁରକ୍ଷା ଦେବା ସହ ଉତ୍ତମ ବ୍ୟବହାର କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ରଜନୀ ଭଳି ପୀଡିତାମାନେ ପୋଲିସ ପାଖକୁ ଅନେକ ଆଶା ନେଇ ଅଭିଯୋଗ କରିବାକୁ ଗଲେ ସେଠାରେ ଦୁର୍ବ୍ୟବହାରର ଶିକାର ହେଉଛନ୍ତ। ଏହା ନିନ୍ଦନୀୟ ଘଟଣା। ପୋଲିସକୁ ଗରିବ ପରିବାର କିଭଳି ଗାଡି ଯୋଗାଇ ପାରିବ। ଯଦି ପୋଲିସ ପାଖରେ ବ୍ୟବସ୍ଥା ନାହିଁ ତା'ହେଲେ ଅନ୍ୟ ବିଭାଗ ଓ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଅଭଯୋଗ କାରୀଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବା ବଦଳରେ ତାଙ୍କୁ ଅପମାନ କରି ଫେରାଇ ଦେଉଛି। ଏହା ଦ୍ୱାରା ପୋଲିସ ବିଭାଗ ଉପରେ ଭରସା ଉଠିଯିବ ବୋଲି କହିଥିଲେ।


ଏସ୍‌ପି ଅଫିସ ଆଗରେ ରଜନୀ ସୁନାକାଠିଆ ଓ ଅନ୍ୟମାନେ ।

### ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲାରେ ଦଣ୍ଡାଦେଶ

**ସମ୍ବଲପୁର,୨୫।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅଞ୍ଚଳର ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଶାନ୍ତ କୁମାର ଦାଶ ଅଭିଯୁକ୍ତ ଫଗନୁ ମିର୍ଦ୍ଧାଙ୍କୁ ଆଜୀବନ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ବସନ୍ତ ମିଶ୍ର ଓ ସନ୍ତୋଷ ପଣ୍ଡା ମାମଲା ପରିଚାଳନା କରୁଥିଲେ। ଓକିଲ ମିଶ୍ର ସୂଚନା ଦେଇଛନ୍ତି ଯେ, ୨୦୨୦ ଅକ୍ଟୋବର ୫ରେ ଝୁଝୁମୁରା ଥାନାରେ ପୀଡ଼ିତାଙ୍କ ବାପା ଅଭିଯୋଗ କରିଥିଲେ, ଘରେ କେହି ନ ଥିବା ସମୟର ସୁଯୋଗ ନେଇ ଅଭିଯୁକ୍ତ ଘରକୁ ପଶିଥିଲେ। ଦିବ୍ୟାଙ୍ଗ ନାବାଳିକା (୧୬)ଙ୍କୁ ଘର ବାଡ଼ିପଟକୁ ନେଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକା ଘଟଣା ସମ୍ପର୍କରେ ପରିବାରବର୍ଗଙ୍କୁ କହିଲେ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଫଗନୁ ଧମକ ଦେଇଥିଲେ। ନାବାଳିକା ଜଣକ ଭୟରେ ପରିବାର ବର୍ଗଙ୍କୁ ଘଟଣା ବିଷୟରେ କହି ନ ଥିଲେ। କିଛିମାସ ପରେ ନାବାଳିକା ଗର୍ଭବତୀ ଥିବା ପରିବାର ଲୋକେ ଜାଣିପାରି ପଚାରିଥିଲେ। ପରେ ନାବାଳିକା ଘଟଣା ବିଷୟରେ କହିଥିଲେ।

## ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟାହ୍ନଭୋଜନ ଖାଇଲେ ଉପଜିଲାପାଳ

**ଝାରସୁଗୁଡ଼ା ଅଫିସ,୨୫।୮**

ଉପଜିଲାପାଳ ଦୟାମୟ ପାଢ଼ୀ ଗୁରୁବାର କିର୍ମିରା ବ୍ଲକ ଅନ୍ତର୍ଗତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଯାଞ୍ଚ କରିବା ସହ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେ ଛାତ୍ରୀଛାତ୍ରଙ୍କ ସହିତ ବସି ମଧ୍ୟାହ୍ନଭୋଜନ ଖାଇଥିଲେ। ଅପରାହ୍ନରେ ପିଲାଙ୍କୁ ଅତିରିକ୍ତ ସୁଧାରାତ୍ମକ ପ୍ରଶିକ୍ଷଣ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସେମାନଙ୍କ ଅଭିଭାବକଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ।


ପିଲାଙ୍କ ସହ ମଧ୍ୟାହ୍ନଭୋଜନ କରୁଛନ୍ତି ଉପଜିଲାପାଳ।

## ଭିଜିଲାନ୍ସ ଜାଲରେ ଶ୍ରମ ବିଭାଗ କିରାଣି

**ସମ୍ବଲପୁର,୨୫।୮(ବ୍ୟୁରୋ)**

**୨୦ ହଜାର ଲାଞ୍ଚ ନେଉଥିଲେ**

ସମ୍ବଲପୁର ଜିଲା ଶ୍ରମ ବିଭାଗ ଯୁଗ୍ମ କମିଶନର ଅଫିସରେ କାର୍ଯ୍ୟରତ କନିଷ୍ଠ କିରାଣି ଭାଗୀରଥି ଖର୍ସେଲ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜଣେ ଠିକାଦାରଙ୍କଠାରୁ ୨୦ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ସମ୍ବଲପୁର ଭିଜିଲାନ୍ସ ଅଫିସ ପକ୍ଷରୁ ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ମିଳିଥିବା ସୂଚନା ମୁତାବକ ଠିକାଦାର ପ୍ରଦୀପ କୁମାର ସିଂ ଲେବର ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ହେଲେ ଫାଇଲ କାମ ପାଇଁ କିରାଣି ଖର୍ସେଲ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଠିକାଦାର ସିଂଙ୍କ ପକ୍ଷରୁ ଆଦିତ୍ୟ କୁମାର ଘୋଷ ନାମକ ବ୍ୟକ୍ତି ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ସନ୍ଧ୍ୟା ସମୟରେ ଅଫିସରେ ଟଙ୍କା ଦେବାକୁ ଖର୍ସେଲ କହିଥିଲେ। ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ରାସାୟନିକ ପ୍ରଲେପ ଦିଆଯାଇଥିବା ୨୦ହଜାର ଟଙ୍କା କିରାଣି ଖର୍ସେଲଙ୍କଠାରୁ ଜବତ ହୋଇଥିଲା।


ଭିଜିଲାନ୍ସ ହାତରେ ଧରାପଡିଥିବା କନିଷ୍ଠ କିରାଣି ।

### ଜାତୀୟ ପତାକା ଅସମ୍ମାନ ପ୍ରସଙ୍ଗ ନେଇ ନାଏବ ସରପଞ୍ଚଙ୍କୁ ମାଡ଼

**ଝାରସୁଗୁଡ଼ା ଅଫିସ,୨୫।୮**

ଜାତୀୟ ପତାକା ଅସମ୍ମାନକୁ ନେଇ ଝାରସୁଗୁଡା ଜିଲା ବନ୍ଧବାହାଲ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଶାନ୍ତି ଫେରାଇ ଆଣିବାପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି ପ୍ରସଙ୍ଗକୁ ନେଇ ଗୁରୁବାର ଲଖନପୁର ବେହେରାଗୁଡା ଛକରେ ମାରପିଟ ଘଟିଛି। ଏଥିରେ ଲଖନପୁର ପଞ୍ଚାୟତ ନାଏବ ସରପଞ୍ଚ ଈଶ୍ୱର ବନଛୋର ଆହତ ହୋଇଛନ୍ତି। ନାଏବ ସରପଞ୍ଚ ବନଛୋର ଅଭିଯୁକ୍ତ ମହମ୍ମଦ ଚାନ୍ଦଙ୍କ ନାମରେ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ୧୮୩/୨୨) ରୁଜୁକରି ତଦନ୍ତ ଚଳାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଇଗ୍ନେଶ ବାର୍ଲା କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ବନ୍ଧବାହାଲ ଜାତୀୟ ପତାକା ଅସମ୍ମାନ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମହମ୍ମଦ ସାହାଜାଦଙ୍କ ମାଉସୀ ପୁଅ ଭାଇ ମହମ୍ମଦ ଚାନ୍ଦ ଲଖନପୁର ବେହେରାଗୁଡ଼ା ଛକରେ ମାଂସ ଦୋକାନ କରି ସେଠାରେ ରହୁଛନ୍ତି। ନାଏବ ସରପଞ୍ଚ ବନଛୋର ଓ ଅନ୍ୟମାନେ ପ୍ରସଙ୍ଗକୁ ନେଇ ବେହେରାଗୁଡ଼ା ଛକରେ ଆଲୋଚନା କରୁଥିବା ବେଳେ ନିକଟରେ ଥିବା ମାଂସ ଦୋକାନୀ ଚାନ୍ଦ ଏଥିରେ ଉତ୍‌କ୍ଷିପ୍ତ ହୋଇ ମୋ ଭାଇକୁ କାହିଁକି କହୁଛ ବୋଲି କହି ନାଏବ ସରପଞ୍ଚଙ୍କୁ ମାଡ଼ ମାରିଥିଲେ। ତାଙ୍କୁ ଆହତ ଅବସ୍ଥାରେ ନିକଟସ୍ଥ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି।

## ସମ୍ବଲପୁର ରେଳ ମଣ୍ଡଳରେ ୬୭ତମ ରେଳ ସପ୍ତାହ


ରେଳ କମ୍ୟୁନିଟି ସେଣ୍ଟରଠାରେ କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି ।

**ସମ୍ବଲପୁର,୨୫।୮(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ୭୬ତମ ରେଳ ସପ୍ତାହ ପାଳିତ ହୋଇଯାଇଛି। ରେଲୱେ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଓ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଶାଖା ଅଧକ୍ଷା ଈଷା ମଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ

**୧୧୬ ରେଳ କର୍ମଚାରୀ ସମ୍ମାନିତ**

ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗତ ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପାଇଁ ସମ୍ବଲପୁର ମଣ୍ଡଳ କର୍ମଚାରୀମାନେ ନିରନ୍ତର ପ୍ରୟାସରତ। ଯାତ୍ରୀ ସୁବିଧା ଓ ନିରାପତ୍ତା ହେଉଛି ଆମର ପ୍ରାଥମିକତା ଏବଂ ଆମେ ଯାତ୍ରୀମାନଙ୍କ ସୁବିଧା ସହ ନିରାପତ୍ତାକୁ ଆହୁରି ଉତ୍କୃଷ୍ଟ କରିବା ପାଇଁ ପ୍ରତିବଦ୍ଧ ବୋଲି ରେଳ ପ୍ରବନ୍ଧକ ପ୍ରଦୀପ କୁମାର କହିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ୧୧୬ଜଣ ରେଳ କର୍ମଚାରୀଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ବରିଷ୍ଠ କାର୍ମିକ ଅଧିକାରୀ ୟୁସୁଫ କବୀର ଅନସାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହାୟକ କାର୍ମିକ ଅଧିକାରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ଭିଏସ୍‌ଏସ୍ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ରଜତ ଜୟନ୍ତୀ ପ୍ରସ୍ତୁତି

**ସମ୍ବଲପୁର,୨୫।୮(ବ୍ୟୁରୋ)**

ଯୁବ ଉଦୟନ ଚଳିତବର୍ଷ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ରଜତ ଜୟନ୍ତୀ ଉତ୍ସବ ପାଳନ କରିବ। ଏ ନେଇ ସମ୍ବଲପୁର ଝାଡୁଆପଡ଼ାସ୍ଥିତ ଯୁବ ଉଦୟନ କାର୍ଯ୍ୟାଳୟଠାରେ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଥିଲା। କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇ ସ୍ମରଣିକା ପ୍ରକାଶନ, ନାଟକ କର୍ମଶାଳା, ନାଟ୍ୟକର୍ମୀଙ୍କୁ ସମ୍ମାନ ପ୍ରଦାନ, ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକମାନଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ ବିଷୟରେ ଆଲୋଚନା କରିଥିଲେ। ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡର ସରୋଜ ଦଲପତ, ସୁଶାନ୍ତ ପୁରୋହିତ, ଯୁବ ଉଦୟନ ସମ୍ପାଦକ ଅଭିଷେକ ମିଶ୍ର, ଶୁଭେନ୍ଦୁ ମିଶ୍ର, ସୀତାକାନ୍ତ ପାଣିଗ୍ରାହୀ, ନାଟକ ପ୍ରତିଯୋଗିତା ସଂଯୋଜକ ଜଗଦୀଶ ମିଶ୍ର ଓ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା, ସରୋଜ କୁମାର ସାହୁ ଆଲୋଚନାରେ ଭାଗ ନେଇଥିଲେ।

## କଲେଜରେ କୃତୀ ଛାତ୍ରୀଙ୍କୁ ପ୍ରତିଭା ସମ୍ମାନ

**କୁଚିଣ୍ଡା,୨୫।୮(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ଗୁରୁବାର ଚଳିତ ଶିକ୍ଷାବର୍ଷରେ ଯୁକ୍ତଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଦିବ୍ୟାଭାରତୀ ଡଙ୍ଗୋ, ସୁପ୍ରିୟା ଭଞ୍ଜ ଓ ବର୍ଷା ପଶାୟତଙ୍କୁ କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। କଲେଜ ଅଧକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଝାରସୁଗୁଡା ଜିଲାର ସାମାଜିକ କର୍ମୀ ପ୍ରେମସାଗର ଦେହେରିଆ ମୁଖ୍ୟଅତିଥି, ପ୍ରତିଭା ବିକାଶ ଅଭିଯାନର କୁଚିଣ୍ଡା ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ଅତିଥି ପରିଚୟ ଓ ଅଭିଯାନର ସଂଯୋଜକ ରମେଶ କିଷାନ ବିବରଣୀ ପାଠ କରିଥିଲେ। ହିମାଂଶୁ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର ଓ ମନୋରଞ୍ଜନ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଅଧାପକ ପୂଜାରୀ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ଛାତ୍ରୀମାନେ।

## ଝୁଝୁମୁରା ୟୁନିୟନ ବ୍ୟାଙ୍କରେ ଗ୍ରାହକ ଅସନ୍ତୋଷ

**ସମ୍ବଲପୁର,୨୫।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ପରିସରରେ ଥିବା ୟୁନିୟନ ବ୍ୟାଙ୍କରେ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟୁତ୍ ସରବରାହ ନ ଥିବାରୁ ନଗଦ ଟଙ୍କା ନ ପାଇ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଗ୍ରାହକମାନେ ଟଙ୍କା ନେବା ପାଇଁ ବ୍ୟାଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ। କର୍ମଚାରୀ ବିଦ୍ୟୁତ୍ ସରବରାହ ନ ଥିବାରୁ ଏବେ ଟଙ୍କା ଦିଆଯାଇପାରିବ ନାହିଁ ବୋଲି କହିଥିଲେ। ଧୀରେ ଧୀରେ ଗ୍ରାହକ ସଂଖ୍ୟା ବୃଦ୍ଧି ପାଇଥିଲା। ଋଣୀ ଗ୍ରାହକ, ଦିନ ମଜୁରିଆ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଭଳି ଗ୍ରାହକ ଟଙ୍କା ପାଇଁ ଅପେକ୍ଷା କରିଥିଲେ। ଗୁରୁବାର ଝୁଝୁମୁରା ସାପ୍ତାହିକ ବଜାର ଥିବାରୁ ଲୋକେ ବ୍ୟାଙ୍କରୁ ଟଙ୍କା ଉଠାଇ ପରିବା ଓ ସଉଦା କିଣିବେ ବୋଲି ଆଶା କରିଥିଲେ। ହେଲେ ଟଙ୍କା ନ ପାଇବାରୁ ବିରକ୍ତି ପ୍ରକାଶ କରିଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କଲେ ମଧ୍ୟ ବ୍ୟାଙ୍କରେ ଟଙ୍କା ନେଣଦେଣ ହୋଇପାରୁ ନ ଥିଲା। ତେଣୁ ନିରାଶ ହୋଇ ଗ୍ରାହକମାନେ ଫେରିଯାଇଥିଲେ। ଏ ସମ୍ପର୍କରେ ଝୁଝୁମୁରା ବ୍ୟାଙ୍କ ଶାଖା ପରିଚାଳକ ରଶ୍ମି ରଞ୍ଜନ ଦାଶ କହିଛନ୍ତି, ଏହା ଅସ୍ଥାୟୀ ଭାବେ ସମସ୍ୟା ଥିଲା। ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇଥିଲା। ବ୍ୟାଙ୍କରେ ସାମାନ୍ୟ ସମସ୍ୟା ରହିଛି। ଏହାକୁ ଶୀଘ୍ର ସମାଧାନ କରାଯିବ। ଗ୍ରାହକମାନଙ୍କ ସୁବିଧା ପାଇଁ ବିଭିନ୍ନ ପଞ୍ଚାୟତରେ ୯ଟି ଗ୍ରାହକ ସେବା କେନ୍ଦ୍ର ଖୋଲାଯାଇଛି। ସେଠାରେ ଗ୍ରାହକମାନେ ଟଙ୍କା ନେଣଦେଣ କରିପାରିବେ। ବ୍ୟାଙ୍କରେ ଆଗାମୀ ଦିନରେ ଏଭଳି ଯାନ୍ତ୍ରିକ ତ୍ରୁଟି ଯେପରି ନ ହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ଝୁଝୁମୁରା ୟୁନିୟନ ବ୍ୟାଙ୍କ ସମ୍ମୁଖରେ ଗ୍ରାହକଙ୍କ ଭିଡ଼।

## ସଂକ୍ଷେପରେ

### ରେଳଧାରଣାରୁ ମୃତଦେହ ଜବତ

**ରାଜଗାଙ୍ଗପୁର,୨୪।୮(ଡି.ଏନ.ଏ):** ଗୁରୁବାର ସକାଳେ ରାଜଗାଙ୍ଗପୁର ଅଞ୍ଚଳର କୁମାରକେଲା ଫାଟକ ନିକଟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ତାଙ୍କୁ ପାଖାପାଖି ୫୦ ବର୍ଷ ବୟସ ହୋଇଥିବା ବେଳେ ସେ ଏକ ଗାମୁଛା ପିନ୍ଧିଥିବା ଦେଖିବାକୁ ମିଳିଛି । ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ମୃତକଙ୍କ ପରିଚୟ ମିଳି ପାରିନାହିଁ । ଖବରପାଇ ରାଜଗାଙ୍ଗପୁର ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ରାଜଗାଙ୍ଗପୁର ସରକାରୀ ଚିକିତ୍ସା ଳୟକୁ ପଠାଇଥିଲେ ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

**ହେମଗିର,୨୫।୮(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଅନ୍ତର୍ଗତ ହେମଗିରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବରେ ହେମଗିର ବିଡିଓ ଡ.ଜଗଦୀଶ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦର ସଭ୍ୟ ମହିମା ସେଠ,ମାନସୀ ଦର୍ଜୀ,ନରେନ୍ଦ୍ର ଭୈସାଲ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବିତରଣ କରିଥିଲେ । ୨୫୦ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ପଟେଲ,ସାଲିକରାମ ପଟେଲ,ସଙ୍ଗୀତା ପାଢ଼ୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

### ଦନ୍ତା ଭାଙ୍ଗିଲା ୩ ଘର

**କୁତ୍ରା,୨୫।୮(ଡି.ଏନ.ଏ.):** କିଛି ଦିନର ବ୍ୟବଧାନ ପରେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ହାତୀ ଆତଙ୍କ ଦେଖିବାକୁ ମିଳିଛି। ବ୍ଲକର ପଞ୍ଚରା ଅଞ୍ଚଳରେ ଏକ ଦନ୍ତା ହାତୀ ଆସି କୁସୁମଡେଗି ଗ୍ରାମରେ ତିନିଟି ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ଘର ଲୋକ। ଫଳରେ ରାତି ହେଲେ ଏହି ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଘରଭଙ୍ଗା କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି। ବର୍ତ୍ତମାନ ଦନ୍ତା ହାତୀଟି ନିକଟସ୍ଥ ପଞ୍ଚରା ଜଙ୍ଗଲରେ ଥିବା ଜଣାପଡିଛି ।

### ପ୍ରକାଶମଣିଙ୍କ ସ୍ମୃତି ଦିବସ ପାଳନ

**ଦେବଗଡ଼,୨୫।୮(ଡି.ଏନ.ଏ.):** ଦେବଗଡ଼ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦାଦି ପ୍ରକାଶମଣିଙ୍କ ସ୍ମୃତି ଦିବସ ପାଳନ କରାଯାଇଛି। ଦେବଗଡ ଆଶ୍ରମର ସଂଚାଳିକା ସୁଶୀଳା ଭଉଣୀଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଶୋକ ନନ୍ଦ ଓ ଦେବଗଡ ବେସରକାରୀ ବସ୍ ମାଲିକ ସଂଘ ସଭାପତି ସୁଜିତ କୁମାର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଶ୍ରମର ସଦସ୍ୟ ଡାକ୍ତର ସତ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଏବଂ ଭଉଣୀ ମୀରା ଧନ୍ୟବାଦ ଅର୍ପଣ କରିଥିଲେ। ଆଶ୍ରମରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ୩୩ ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଭଉଣୀଭାଇ ଯୋଗଦେଇ ଦାଦି ପ୍ରକାଶମଣିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଓଡ଼ିଶା ପୁଷ୍ଟିଶସ୍ୟ ମିଶନ ଅଧୀନରେ ଯୋଡ଼ିହେଲା ବଣାଇଁ ବ୍ଲକ

**ସୁନ୍ଦରଗଡ,୨୫।୮(ଡି.ଏନ.ଏ.)**

ଓଡିଶା ପୁଷ୍ଟିଶସ୍ୟ ମିଶନ ଅଧୀନରେ ଚଳିତବର୍ଷ ସୁନ୍ଦରଗଡ ଜିଲାର ବଣାଇଁ ବ୍ଲକକୁ ସାମିଲ କରାଯାଇଛି। ଏଥିପାଇଁ ସୁନ୍ଦରଗଡ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା 'ଆତ୍ମା', ବୈଷୟିକ ପରାମର୍ଶକାରୀ ସଂସ୍ଥା ୱାସନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟରେ ଏକ ତ୍ରିପାକ୍ଷିକ ଏମଓୟୁ ସ୍ୱାକ୍ଷର ହୋଇଛି। ଫଳରେ ମାଣ୍ଡିଆ ଏବଂ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଚାଷ ପାଇଁ ବଣାଇଁ ବ୍ଲକରେ ପ୍ରକ୍ରିୟା ଆରମ୍ଭ ହୋଇଛି।
ବଣାଇଁ ବ୍ଲକକୁ ମିଶାଇ ବର୍ତ୍ତମାନ ଜିଲାର ମୋଟ ୧୨ଟି ବ୍ଲକରେ ଏହି ଚାଷ କରାଯାଉଛି। ୨୦୨୨-୨୩ ଖରିଫ ଋତୁରେ ୬ ହଜାରରୁ ଅଧିକ ହେକ୍ଟର ଜମିରେ ପୁଷ୍ଟିଶସ୍ୟ ଚାଷ କରାଯାଉଥିବା ବେଳେ ଏଥିରେ ୧୩ ହଜାରରୁ ଅଧିକ ଚାଷୀଙ୍କୁ ଯୋଡା ଯାଇଛି । ଓଡିଶା ପୁଷ୍ଟିଶସ୍ୟ ମିଶନ ଅଧୀନରେ ବଣାଇଁ ବ୍ଲକ ନୂଆକରି ଯୋଡି ହୋଇଛି। ତେଣୁ ଏହି ବ୍ଲକରେ ଚଳିତ ବର୍ଷ ୧୦୦ ହେକ୍ଟର ଜମିରେ ପୁଷ୍ଟିଶସ୍ୟ ଚାଷ କରାଯାଉଛି। ୨୫୦ରୁ ଅଧିକ ଚାଷୀଙ୍କୁ ଏଥିରେ


ସୁନ୍ଦରଗଡ ଜିଲାରେ କରାଯାଇଥିବା ମାଣ୍ଡିଆ ଚାଷ ।

ଯୋଡିବା ଲକ୍ଷ୍ୟ ରଖାଯାଇଛି। ମୋଟ ୧୨ଟି ବ୍ଲକ ଭିତରୁ ୮ଟି ବ୍ଲକରେ ପୁଷ୍ଟିଶସ୍ୟ ଚାଷ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ମାଣ୍ଡିଆରେ ପ୍ରଚୁର ମାତ୍ରାରେ ପୁଷ୍ଟିକର ଗୁଣ ଭରି ରହିଛି। ଏହା ଏକ ଲାଭଜନକ ଚାଷ ହୋଇଥିବାରୁ ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ମାଣ୍ଡିଆ ସହିତ ବିଭିନ୍ନ ପୁଷ୍ଟିଶସ୍ୟ ଚାଷ କରାଯାଉଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ 'ଓଡ଼ିଶା ପୁଷ୍ଟିଶସ୍ୟ ମିଶନ' ଗଠନ କରାଯାଇ ଏହି ଚାଷକୁ ପ୍ରୋତ୍ସାହନ ଦିଆଯାଉଛି।୨୦୧୮-୧୯ରେ ସୁନ୍ଦରଗଡ଼ ଜିଲା ଓଡ଼ିଶା ପୁଷ୍ଟିଶସ୍ୟ ମିଶନ ମାନଚିତ୍ରରେ ସ୍ଥାନ ପାଇଥିଲା। ଏହା ଅଧୀନରେ ପ୍ରଥମେ ୪ଟି ବ୍ଲକ କୁତ୍ରା, ନୂଆଗାଁ, କୁଆଁରମୁଣ୍ଡା ଓ ରାଜଗାଙ୍ଗପୁରରେ ପୁଷ୍ଟିଶସ୍ୟ ଚାଷ ଆରମ୍ଭ କରାଯାଇଥିଲା। ୨୦୨୦-୨୧ରେ ଆଉ ୪ଟି ବ୍ଲକ ଟାଙ୍ଗରପାଲି, ହେମଗିର, ଲେଫ୍ରିପଡା ଏବଂ ବାଲିଶଙ୍କରାକୁ ଯୋଡ଼ା ଯାଇଥିଲା। ୨୦୨୧-୨୨ରେ ଗୁରୁଣ୍ଡିଆ, ଲାଠିକଟା ଏବଂ ଲହୁଣୀପଡ଼ା ବ୍ଲକକୁ ପୁଷ୍ଟିଶସ୍ୟ

**୨୦୨୨-୨୩ ଖରିଫ ଋତୁରେ ଜିଲାର ମୋଟ ୧୨ ବ୍ଲକରେ ପୁଷ୍ଟିଶସ୍ୟ ଚାଷ**

ମିଶନର କାର୍ଯ୍ୟକ୍ରମ ସଂପ୍ରସାରଣ କରାଯାଇଥିଲା। ପୁଷ୍ଟିଶସ୍ୟ ଚାଷ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବାରୁ ଯୁବ ଏବଂ ମହିଳା ଚାଷୀମାନେ ଏଥିପ୍ରତି ଆଗ୍ରହ ଦେଖାଉଛନ୍ତି।
ମାଣ୍ଡିଆକୁ ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରିଛନ୍ତି। ଏହାସହ ମାଣ୍ଡିଆରୁ ଭଳିକି ଭଳି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ତାଲିମ ଦିଆଯାଉଛି। ଏହି ଖାଦ୍ୟକୁ ଆହୁରି ଲୋକପ୍ରିୟ କରିବା ସହ ମିଶନଶକ୍ତି ମା'ମାନଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ମିଲେଟ ଶକ୍ତି କିଓସ୍କ ଖୋଲାଯାଉଛି। ବର୍ତ୍ତମାନ ଜିଲାରେ ୨୧ଟି ମିଲେଟ ଶକ୍ତି କିଓସ୍କ ଏବଂ ରାଉରକେଲାରେ ଗୋଟିଏ କାଫେ ଖୋଲାଯାଇଛି।

## ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କୁ ଭେଟିଲେ ପୌରାଧ୍ୟକ୍ଷା

**ରାଜଗାଙ୍ଗପୁର,୨୫।୮(ଡି.ଏନ.ଏ.)**

ଗୁରୁବାର ଦିନ ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ଓ କାଉନସିଲରମାନେ ସୁନ୍ଦରଗଡ ଜିଲାପାଳ ପରାଗ ହର୍ଷଦ ଗାଭଲିଙ୍କୁ ଭେଟି ସହରର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରିଛନ୍ତି । ମୁଖ୍ୟତଃ ଓଭରବ୍ରିଜ କାମ ଅଧାପନ୍ତରିଆ ହୋଇ ପଡି ରହିବା ନେଇ ଜଣାଇଥିଲେ । ଦୀର୍ଘ ବର୍ଷ ଧରି ରାଜଗାଙ୍ଗପୁରରେ ଏକ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅଧାପନ୍ତରିଆ ଭାବେ ପଡି ରହିବା ଦ୍ୱାରା ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ତ୍ୱରାନ୍ୱିତ କରିବା ସହ ସହରର ବିଜୁପଟ୍ଟନାୟକ (ନାୟାର) ଛକଠାରେ ଏକ ଅଣ୍ଡରପାସ ନିର୍ମାଣ ପାଇଁ ବ୍ୟବସ୍ଥା ରହିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଏହି ଅବସରରେ ପୌରାଧ୍ୟକ୍ଷା ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ ।

## ଡମ୍ପର ଅପରେଟର ହତ୍ୟା ଘଟଣା: ଜଣେ ଗିରଫ

**ହେମଗିର,୨୫।୮(ଡି.ଏନ.ଏ.)**

ଗତ ମଙ୍ଗଳବାର ଦିନ ହେମଗିର ପୋଲିସ ଓସିପିଏଲ କୋଇଲା ଖଣି ଅଞ୍ଚଳରୁ ଝାରଖଣ୍ଡ ରାଜ୍ୟର ରାଜେନ୍ଦ୍ର ପ୍ରଜାପତି (୩୧)ନାମକ ଜଣେ ଡମ୍ପର ଅପରେଟରଙ୍କ ମୃତଦେହ ଜବତ କରିଥିଲା । ଏହି ଘଟଣାରେ ପୋଲିସ ପରିବାର ଲୋକଙ୍କ ଅଭିଯୋଗ ପରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ପୋଲିସ ଏହି ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଅଶୋକ କୁମାର ମାହାତୋ (୨୮)।

# ଗଣେଶପୂଜା ପାଇଁ ଶାନ୍ତି କମିଟି ବୈଠକ


ଶାନ୍ତି କମିଟି ବୈଠକରେ ଏସ୍‌ପି ଓ ଅନ୍ୟମାନେ ।

**ରାଜଗାଙ୍ଗପୁର,୨୫।୮(ଡି.ଏନ.ଏ.)**

ଆଗାମୀ ୩୧ ତାରିଖ ଦିନ ହେବାକୁ ଥିବା ଗଣେଶ ପୂଜାକୁ ରାଜଗାଙ୍ଗପୁର ସହରରେ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ଦ୍ୱାରା ଏକ ଶାନ୍ତି କମିଟି ବୈଠକ ସହରର ଏକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ସୁନ୍ଦରଗଡ ଜିଲା ଅତିରିକ୍ତ ଜିଲାପାଳ ଶିବଶଙ୍କର ଟପ୍ପୋ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା, ପୌରାଧ୍ୟକ୍ଷ ମାଧୁରୀ ଲୁଗୁନ, ବିଡିଓ ଏବଂ ତହସିଲଦାର ପିୟୁସ ଲୁହାର, ଏସଡିପିଓ ଡା. ଶଶାଙ୍କ ଶେଖର ବେହୁରା, ଥାନା ଅଧିକାରୀ ବିଭସ୍ୱ ପ୍ରଧାନ ତଥା ସେଣ୍ଟ୍ରାଲ ପୂଜା କମିଟିର ସଭାପତି କମଲ ଅଗ୍ରୱାଲ ମଞ୍ଚାସୀନ ଥିଲେ। ରାଜଗାଙ୍ଗପୁର ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି, ଅନ୍ୟ କାର୍ଯ୍ୟକର୍ତ୍ତା ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଥମେ ଉପସ୍ଥିତ ବିଭିନ୍ନ ପୂଜା କମିଟିର ସଭାପତି, ଅନ୍ୟ କାର୍ଯ୍ୟକର୍ତ୍ତା ତଥା ମାନ୍ୟଗଣ୍ୟ ବ୍ୟକ୍ତି ପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରି ଭସାଣି ଯାତ୍ରାକୁ ସଫଳ କରାଯାଇପାରିବ ସେଥିପାଇଁ ନିଜର ମତାମତ ରଖିଥିଲେ । ସହରର ମୁଖ୍ୟ ତ. ଅଶୋକ ଦାସ, ପାକା ବାବୁ, ଦିପୁ ବିନୋଦ, ମହମ୍ମଦ ମହସିନ, ଅମରେଶ ପଣ୍ଡା,ଶଙ୍କର ସିଂ ପ୍ରମୁଖ ମତାମତ ରଖିଥିଲେ । ଆରକ୍ଷୀ ଅଧୀକ୍ଷକ ନିଜର ବକ୍ତବ୍ୟରେ ଏହି ଉତ୍ସବକୁ ଶାନ୍ତିର ସହ ପାଳନ କରିବା ପାଇଁ କହିଥିଲେ। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ର ଗଣେଶ ପୂଜା ମୁମ୍ବାଇ ଶୈଳୀରେ ପାଳନ ହେଉଥିବାର ପ୍ରସିଦ୍ଧି ରହିଛି। ଏହା ସହରରେ ୯ ଦିନ ଧରି ବହୁ ଜାକଜମକରେ ପାଳିତ ହୋଇଥାଏ ଏବଂ ୫୦ ରୁ ଉର୍ଦ୍ଧ୍ୱ ମୂର୍ତ୍ତି ସ୍ଥାପନ ହୋଇ ପୂଜାର୍ଚ୍ଚନା ହୋଇଥାଏ ।

# ଆର୍‌ଏସ୍‌ପିକୁ ଗ୍ରୀନ୍‌ଟେକ୍ ପରିବେଶ, ରପ୍ତାନି ପୁରସ୍କାର

**ରାଉରକେଲା ଅଫିସ,୨୫।୮**

ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଉରକେଲା ଇସ୍ପାତ କାରଖାନା ସମ୍ମାନଜନକ ଗ୍ରୀନ୍ ଟେକ୍ ପରିବେଶ ପୁରସ୍କାର-୨୦୨୨ ଓ ଗ୍ରୀନ୍ ଟେକ୍ ରପ୍ତାନୀ ପୁରସ୍କାର-୨୦୨୨ ଲାଭ କରିଛି। ଅଗଷ୍ଟ ୨୩ ଓ ୨୪ ତାରିଖରେ ଆସାମର ଗୌହାଟି ଠାରେ ଗ୍ରୀନ୍‌ଟେକ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଆରଏସ୍‌ପିର ନୂତନ ପ୍ଲେଟ୍ ମିଲ ବିଭାଗର ସିଜିଏମ୍ ପିନାକି ଚୌଧୁରୀ, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆଶା କାର୍ଥା ଓ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ପି. କେ. ଦାସଙ୍କୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ କାରଖାନାର ସାମୂହିକଙ୍କୁ ସମ୍ମାନଜନକ ପୁରସ୍କାର ଲାଭ ପାଇଁ ଅଭିନନ୍ଦନ ଜଣାଇବା ସହ ଏହି ପୁରସ୍କାର ସାମୂହିକ ଉଦ୍ୟମ ଓ ପ୍ରତିବଦ୍ଧତାର ସାକ୍ଷୀ ବୋଲି କହିଥିଲେ।



ଆର୍‌ଏସ୍‌ପି ଅଧିକାରୀଙ୍କୁ ଗ୍ରୀନ୍‌ଟେକ୍ ପରିବେଶ ଓ ରପ୍ତାନି ପୁରସ୍କାର ପ୍ରଦାନ କରାଯାଉଛି।

## ଆର୍‌ଡିସିଙ୍କୁ ଚିଠି ଲେଖିଲେ ବିଧାୟିକା

**ନୂଆଖାଇରେ ସରକାରୀ ଛୁଟି ଘୋଷଣା ଦାବି**

**ସୁନ୍ଦରଗଡ,୨୫।୮(ଡି.ଏନ.ଏ.)**

ନୂଆଖାଇ ପଶ୍ଚିମ ଓଡିଶାର ଏକ ଗଣପର୍ବ। ଏହି ଦିବସକୁ ପୂର୍ବରୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଉଥିବା ବେଳେ ଚଳିତବର୍ଷ ସରକାରୀ ଛୁଟି ଭାବେ ଘୋଷଣା କରାଯାଇନାହିଁ। ଏହାକୁ କେବଳ ପଶ୍ଚିମ ଓଡ଼ିଶାରେ ସ୍ଥାନୀୟ ଛୁଟି ଭାବେ ରଖାଯାଇଛି। ଫଳରେ ଉପକୂଳ ଓଡ଼ିଶା ତଥା ଅନ୍ୟାନ୍ୟ ସ୍ଥାନରେ ରହୁଥିବା ପଶ୍ଚିମ ଓଡିଶାବାସୀ ଏହି ପର୍ବରେ ଖୁସି ମନେଇବା ନେଇ ଆଶଙ୍କା ଦେଖାଯାଇଛି। ଏହି ଦିନ ପଶ୍ଚିମ ଓଡିଶାବାସୀ ଙ୍କ ସହିତ ଦକ୍ଷିଣ ଛତିଶଗଡର ଲୋକେ ମା' ସମଲେଇ ଓ ନିଜ ନିଜ ଗ୍ରାମ ଦେବତାଙ୍କ ଠାରେ ନବାନ୍ନ ଅର୍ପଣ କରି ନୂଆଖାଇ ପାଳନ କରିଥାନ୍ତି। ଏଣୁ ନୂଆଖାଇ ପାଳନ ଦିନକୁ ସରକାରୀ ଛୁଟି ଦିବସ ରୂପେ ଘୋଷଣା କରିବା ପାଇଁ ବୁଧବାର ବିଧାୟିକା କୁସୁମ ଟେଟେ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଚିଠି ଲେଖି ଦାବି କରିଛନ୍ତି।

# ସିପିଆଇ ଜିଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ,୨୫।୮(ଡି.ଏନ.ଏ.)**

ସିପିଆଇ ସୁନ୍ଦରଗଡ ଜିଲା ଶାଖାର ୧୬ଶ ଜିଲା ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସୁରେଶ ଶେଖରଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ସେପ୍ଟେମ୍ବର ୪ଓ ୫ ତାରିଖ ଦୁଇ ଦିନ ଧରି ଉଜ୍ଜଳପୁର ଠାରେ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀର ସଫଳ ପରିଚାଳନା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଏହି କମିଟିର ସମ୍ପାଦକ ଭାବେ ସୁନୀଲ କୁମାର ନାଏକ ଓ ଆବାହକ ଭାବେ ସନ୍ତୋଷ ଆଚାର୍ଯ୍ୟ ଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ନାଏକ, ଧ୍ରୁବ ପ୍ରଧାନ, ରାଧେଶ୍ୟାମ ଗରଡିଆ, ଲଳିତ ମୋହନ ସୋଇ, ରବିନ୍ଦ୍ର ବେହେରା, ଗୋପାଳ ସୋରେଙ୍ଗ,ଦେବାନନ୍ଦ ବାଦଲ, ମାନଫିଲ ମିଞ୍ଜ, ଭୋଳାନାଥ ଭୁଏ, ତରଣୀ ସେନ ରଣା, ଦୌଲତ ବାଘ ସଭ୍ୟ ଭାବେ ରହିବେ। ଏହି ପ୍ରସ୍ତୁତି ବୈଠକରେ ସିପିଆଇ ଜିଲା ଶାଖା ସମ୍ପାଦକ ପ୍ରଦୋଷ ମହାନ୍ତି ଯୋଗ ଦେଇଥିଲେ । ଆସନ୍ତା ଜିଲା ସମ୍ମିଳନୀକୁ କିଭଳି ଭାବରେ ସଫଳତାର ସହ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ କେଦାର ସା ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଁ ଦାବିପତ୍ର

**ଦେବଗଡ,୨୫।୮(ଡି.ଏନ.ଏ.)**

ଦେବଗଡ ଜିଲା ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ଦେବା ପାଇଁ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଜିଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁଗୁଡା ପଞ୍ଚାୟତ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେଲା ନିଲମ୍ବିତ କରାଯାଇଛି। ଉକ୍ତ ପଞ୍ଚାୟତରେ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ଦିଆଯାଉ ନ ଥିବାରୁ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ହେଉଛି। ସେହିପରି କାର୍ଯ୍ୟ ସମାପ୍ତ ହୋଇ ସାରିଥିବା ବିଭିନ୍ନ ପ୍ରକଳ୍ପର ବିଲ୍ ହୋଇପାରୁନାହିଁ। ଫଳରେ ଲୋକେ ଅସୁବିଧା ଭୋଗୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ୱାର୍ଡ ସଭ୍ୟାସଭ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି।

# ଅକ୍ଷମ ଶିଶୁଙ୍କୁ ସହାୟତା ଦାବିକଲା କଂଗ୍ରେସ

**ଦେବଗଡ଼,୨୫।୮(ଡି.ଏନ.ଏ.)**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଇ ହାତ ହରାଇଥିବା ଜଣେ ୭ ବର୍ଷର ଶିଶୁଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ବିଦ୍ୟୁତ ବିଭାଗ ଟିପିଡବ୍ଲ୍ୟୁଓଡିଏଲର ଅବହେଳା ଯୋଗୁ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରିଆମାଳ ବ୍ଲକ ଲକ୍ଷ୍ମୀପୁର ଗ୍ରାମର ଝୁଲୁ ମାଝୀଙ୍କ ପୁଅ ମୁନା ମାଝି(୭)ଙ୍କୁ ଦୁଇ ହାତ ହରାଇବାକୁ ପଡିଛି । ଗତ ଜୁଲାଇ ୧ରେ ପଡିଶା ଘର ଛାତ ଉପରେ ଖେଳୁଥିବା ବେଳେ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୁନାଙ୍କ ଚିକିତ୍ସା କରାଯାଉଥିବା ବେଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଦୁଇ ହାତ କାଟି ଦିଆଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସା ପରେ ଆର୍ଥିକ ସମସ୍ୟା ଯୋଗୁ ପରିବାର ଲୋକେ ତାଙ୍କୁ ସେଠାରୁ ଫେରାଇ ଆଣି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପୀଡିତ ପରିବାରକୁ ବିଦ୍ୟୁତ ବିଭାଗ ତରଫରୁ ଅତି କମ୍‌ରେ ୨୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଗୁରୁବାର ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ପୀଡିତଙ୍କୁ ସହାୟତା ଦିଆ ନ ଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସ୍‌ସି ସେଲ୍ ସଭାପତି ମଞ୍ଜୁଳ ନାୟକ, ଜିଲା ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ସମ୍ପାଦକ କ୍ଷିତୀଶ କୁମାର ପ୍ରଧାନ, ପ୍ରକାଶ କୁମାର ଦେବତାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।


କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଇପିଏଫ୍ ପେନ୍‌ସନର୍ସ ସଂଘର ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା ଅଫିସ,୨୫।୮**

ରାଉରକେଲା ସିଭିଲଟାଉନସିପ୍ ସ୍ଥିତ ଆଞ୍ଚଳିକ ଭବିଷ୍ୟନିଧି ଭବନ କାର୍ଯ୍ୟାଳୟ ସମ୍ମୁଖରେ ଇପିଏଫ୍ ପେନ୍‌ସନର୍ସ ସଂଘ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ସଂଘର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ସର୍ବନିମ୍ନ ମାସିକ ପେନଶନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ, ସମସ୍ତ ଇପିଏଫ୍ ପେନ୍‌ଶନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ସଂଘ ପକ୍ଷରୁ ଦାବି ହୋଇଥିଲା। ଏହି ବିକ୍ଷୋଭରେ ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର ଜିଲାର ପେନ୍‌ଶନ ଭୋଗୀ ସାମିଲ ହୋଇଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଓ ରାଜ୍ୟ କମିଟିର ଯୁଗ୍ମ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ ଉକ୍ତ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ। ଏଥିରେ ସୁନ୍ଦରଗଡ ଜିଲା ସଭାପତି



ପେନ୍‌ସନଭୋଗୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଉମେଶ ଚନ୍ଦ୍ର ବାବୁ ଅଧ୍ୟକ୍ଷତା କରିଥିଲେ। ପରେ ସଂଘ ପକ୍ଷରୁ ରାଉରକେଲା ଆଞ୍ଚଳିକ ଭବିଷ୍ୟନିଧି କମିଶନର ଜୟ କୁମାରଙ୍କ ଜରିଆରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ଭୁପେନ୍ଦ୍ର ଯାଦବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଓଡିଶା ସମେତ ସାରା ଦେଶର ୭୦ ଲକ୍ଷ ଇପିଏଫ୍ ପେନ୍‌ଶନ ଭୋଗୀ ବରିଷ୍ଠ ନାଗରିକ ସପରିବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତବନୀ ଦେଇଥିଲେ। ବିକ୍ଷୋଭରେ ସନ୍ତୋଷ କୁମାର ମହାପାତ୍ର, ପୂର୍ଣ୍ଣେନ୍ଦୁ କୁମାର ପାଢ଼ୀ, ତାରାଚାନ୍ଦ ପଟ୍ଟନାୟକ, ଗୋଲକ ବିହାରୀ ଦେବତା, ପ୍ରସନ୍ନ କୁମାର ପାଣି, ଯଶୋବନ୍ତ ଗୁରୁ, ଉଦୟ ନାଥ ପାଣି, ଅଖିଳ ପ୍ରଧାନ, ଭାଗିରଥୀ ପାଣ୍ଡେ, ରାଜେନ୍ଦ୍ର ସିଂ, ଉଦୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକା ଅପହରଣକାରୀ ଯୁବକ ଗିରଫ

ରାଉରକେଲା ଅଫିସ,୨୫।୮: ଜଣେ ନାବାଳିକାଙ୍କୁ ଅପହରଣ କରି ଫେରାର ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲି ଅଞ୍ଚଳର ସୁମନ ପ୍ରସାଦ ପାଣ୍ଡେ(୨୮)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ସୁମନ ଗତ ଜାନୁଆରୀ ମାସରେ ରେଲୱେ କଲୋନୀ ଅଞ୍ଚଳର ଉକ୍ତ ନାବାଳିକା (୧୪)ଙ୍କୁ ଅପହରଣ କରି ଫେରାର ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ନାବାଳିକାଙ୍କୁ ଛତିଶଗଡରୁ ଉଦ୍ଧାର କରିଥିଲା। ତେବେ ସୁମନ କିଛି ଦିନ ହେବ ନିଜ ଘରକୁ ଆସିଥିବା ଜାଣି ପୋଲିସ ଗୁରୁବାର ତାଙ୍କୁ ଗିରଫ କରିଥିଲା।

### ଚିକିତ୍ସାଧୀନ ଅସୁସ୍ଥ ଯୁବକ ମୃତ

ରାଉରକେଲା ଅଫିସ,୨୫।୮: ରାଉରକେଲା ବସ୍‌ଷ୍ଟାଣ୍ଡରେ ଅସୁସ୍ଥ ଅବସ୍ଥାରେ ପଡିଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଦିନୁ ମାଝୀ(୩୬)। ଝାଡ଼ଖଣ୍ଡ ଅଞ୍ଚଳ କେଲବେରି ଗ୍ରାମର ଦିନୁ କିଛି ଦିନ ତଳେ ରାଉରକେଲା ନୂଆବସ୍ ଷ୍ଟାଣ୍ଡରେ ଗୁରୁତର ଅବସ୍ଥାରେ ପଡିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେବା ପରେ ପୋଲିସ ବୁଧବାର ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପ୍ଲାଣ୍ଟସାଇଟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଓଏଫ୍‌ଡିସିର ଅବସରପ୍ରାପ୍ତ ଡେପୁଟି ଡିଏମ୍‌ଙ୍କୁ ୨ବର୍ଷ ଜେଲ ଦଣ୍ଡ

ସୁନ୍ଦରଗଡ,୨୫।୮(ଡି.ଏନ.ଏ.): ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଗୁରୁବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ରାଉରକେଲା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି)ର କଲୁଙ୍ଗା ସ ମିଲର ଅବସରପ୍ରାପ୍ତ ଡେପୁଟି ଡିଭିଜନାଲ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ସାଙ୍କୁ ୫ହଜାର ଟଙ୍କା ଜରିମାନା ସହ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ୍ ଅଧିକ ତିନି ମାସ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ,ରାଉରକେଲା ଟାଙ୍ଗରପାଲି ଥାନା ଅଧୀନ ସେକ୍ଟର ୨୨ରେ ରହୁଥିବା ଚିନ୍ତାମଣି ସାହୁ ଶାଗୁଆନ କାଠ କ୍ରୟ କରି ନେବା ଲାଗି ଆବଶ୍ୟକ ଟି.ଟି. ପରମିଟ ପାଇଁ ତତ୍କାଳୀନ ଡେପୁଟି ଡିଏମ ସା ତାଙ୍କ ଠାରୁ ୪୦୦ଟଙ୍କା ଦାବି କରିଥିଲେ। ଏ ନେଇ ଚିନ୍ତାମଣି ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଚିନ୍ତାମଣିଙ୍କ ଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରିବା ବେଳେ ସାଙ୍କୁ ଗିରଫ କରାଯାଇଥିଲା । ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସମ୍ବଲପୁର ଭିଜିଲାନ୍ସ ଥାନା କେସ୍ ନମ୍ବର ୩/ତା୨୫।୧।୨୦୦୨ରେ ଏକ ମାମଲା ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ଇନଚାର୍ଜ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗୁରୁମୋହନ ଦାଶ ଏହି ମାମଲାକୁ ପରିଚାଳନା କରୁଥିଲେ। ରାଉରକେଲା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଡିଏସପି ନବ କିଶୋର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭିଜିଲାନ୍ସ ଇନ୍ସପେକ୍ଟର ଅକ୍ଷୟ୍ କୁମାର ସାହୁ ଏହି ମାମଲାର ତଦନ୍ତକାରୀ ଅଫିସର ଥିଲେ।

# ଭୂତକୋଠି ପାଲଟିଛି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

ଟେନସା,୨୫।୮(ଡି.ଏନ.ଏ.)

ଯେଉଁଠି ଶିକ୍ଷା ଅଧିକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ଭୂତ କୋଠି ପରି ଦିଶୁଛି । କାନ୍ଥଗୁଡିକ ଫାଟି ଗଲାଣି, ଛାତରୁ ପାଣି ଗଳୁଛି। ବସିବା ପାଇଁ ଜାଗା ନାହିଁ ସେହି ବ୍ଲକରେ ବିଦ୍ୟାଳୟଗୁଡିକ କେମିତି ଥିବ ତାହା ନ ଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ବେଳେ ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଏହାର କୌଣସି ସୁଫଳ ଦେଖିବାକୁ ମିଳୁନାହିଁ। ଏହି ବ୍ଲକର ଅଧିକାଂଶ ବିଦ୍ୟାଳୟରେ ଘର ନ ଥିବା ବେଳେ ଖରା, ବର୍ଷାରେ ଛାତ୍ରୀଛାତ୍ର ତଳେ ବସି ପାଠ ପଢୁଛନ୍ତି ବୋଲି ବିଭିନ୍ନ ଗଣ ମାଧ୍ୟମରେ ଖବରପ୍ରକାଶ ପାଉଛି। ସେଠାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କଥା ପଚାରେ କିଏ। ବିଦ୍ୟାଳୟର ଉନ୍ନତି ପାଇଁ ଜିଲା ଖଣିଜ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହେଉଛି। ହେଲେ କୋଇଡା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ହୋଇ ପଡିଥିଲେ ହେଁ ଏଥିପ୍ରତି କାହାରି ନଜର ନାହିଁ। ଅବହେଳିତ ଭାବେ ପଡିରହିଥିବା କୋଇଡା ବ୍ଲକ ରିସର୍ଚ୍ଚ ସେଣ୍ଟରକୁ ସଫା କରାଯାଇ ୨୦୧୪ ମସିହାରେ କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କରାଗଲା। ଏହାର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆ ନ ଯିବାରୁ କାର୍ଯ୍ୟାଳୟ ଛାତ ଓ କାନ୍ଥରୁ ବର୍ଷା ହେଲେ ପାଣି ଗଳୁଛି। ବର୍ଷା ପାଣି ପଡି ଅଫିସର କମ୍ପ୍ୟୁଟରଗୁଡିକ ଅଚଳ ହୋଇ ପଡିରହିଛି। ଫାଇଲପତ୍ର ନଷ୍ଟ ହୋଇଗଲାଣି। କାର୍ଯ୍ୟାଳୟରେ ତିନି ଜଣ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଜଣେ ବ୍ଲକ ଶିକ୍ଷା ଅଧିକାରୀ ରହିବା କଥା। ହେଲେ ତିନି ବର୍ଷ ହେଲା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ଦୁଇ ବର୍ଷ ହେଲା ବ୍ଲକ ଶିକ୍ଷା ଅଧିକାରୀ ନ ଥିଲେ । ଗତ ଜାନୁୟାରୀରେ ବ୍ଲକ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ ମଧ୍ୟ ଚଳିତ ମାସରେ ସେ ଅବସର ଗ୍ରହଣ କରିବେ । ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କଥା ବୁଝିବାକୁ କେହି ନାହାନ୍ତି। କାର୍ଯ୍ୟଳୟ କୋଠା ଉପରେ ଗଛ ଲତା ଉଠିଥିବା ବେଳେ ପରିସର ଅଳିଆ ଆବର୍ଜନାରେ ଭରି ରହିଛି। ଏହାକୁ ସଫା ସୁତୁରା କରାଯାଉ ନାହିଁ। କୋଠା ମରାମତି କରାଯାଉ ନାହିଁ। ଚୂନ ମରାଯାଉ ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା କୁ ଦାବି ହେଉଛି।



ଜରାଜୀର୍ଣ୍ଣ ଅବସ୍ଥାରେ କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

## ସଫା କରିବା ଆଳରେ ୩ ଭରି ସୁନା ଅଳଙ୍କାର ନେଇ ଫେରାର

ବଡ଼ଗାଁ,୨୫।୮(ଡି.ଏନ.ଏ.)

ଗୁରୁବାର ବଡଗାଁର ମୃର୍ତ୍ତିକା ସଂରକ୍ଷଣ ବିଭାଗ କଲୋନୀରେ ସୁନା ଅଳଙ୍କାର ସଫା କରିବା ଆଳରେ ଦୁଇଜଣ ଯୁବକ ଜଣେ ମହିଳାଙ୍କ ଠାରୁ ୩ ଭରି ଓଜନର ସୁନା ଅଳଙ୍କାର ନେଇ ଫେରାର ହୋଇ ଯାଇଛନ୍ତି । ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ସମୟରେ ୨ ଜଣ ଯୁବକ ସୁନ୍ଦରଗଡ ଜିଲା ବଡ଼ଗାଁ ମୃତ୍ତିକା ସଂରକ୍ଷଣ ବିଭାଗର କର୍ମଚାରୀ ଅକ୍ଷୟ କୁମାର ସ୍ୱାଇଁଙ୍କ ଘରକୁ ଆସି ତାଙ୍କ ସ୍ତ୍ରୀ ମୀନାଙ୍କୁ ସୁନା,ରୁପା ଅଳଙ୍କାର ସଫା କରି ଦେବାକୁ କହିଥିଲେ। ଯୁବକଦ୍ୱୟଙ୍କ କଥାରେ ବିଶ୍ୱାସ କରି ସେ ପ୍ରଥମେ ପିତ୍ତଳ ଗଡୁ ସଫା କରିବାକୁ ଦେଇଥିଲେ। ଏହାପରେ ରୁପା ପାଉଁଜି ସଫା କରି ଫେରାଇ ଥିଲେ। ପରେ ଯୁବକ ଦୁଇଜଣ ସୁନା ଅଳଙ୍କାର ଭଲ ଭାବେ ସଫା କରିଦେବାକୁ କହିବାରୁ ମୀନା ଦୁଇ ଭରିର ସୁନା ହାର,ଦୁଇଟି କାନ ଫୁଲ ଓ ହାତ ମୁଦି ଆଣି ସଫା କରିବାକୁ ଦେଇଥିଲେ। ସେମାନେ ସୁନା ଅଳଙ୍କାରଗୁଡିକୁ କୌଣସି ପାଉଡରରେ ସଫା କରିଥଲେ । ଏହାର କିଛି ସମୟ ପରେ ଘରୁ ଖଣ୍ଡେ କାଗଜ ଆଣିବାକୁ କହିବାରୁ ମୀନା ଭିତରକୁ ଯାଇ କାଗଜ ଆଣି ଦେଇଥିଲେ। ସେହି କାଗଜରେ ଷ୍ଟାପଲର ମାରି ୧୦ ମିନିଟ ପରେ ଖୋଲିବାକୁ କହି ଦୁହେଁ ଚାଲି ଯାଇଥିଲେ। ୧୦ ମିନିଟ ପରେ ଖୋଲିବାରୁ କାଗଜ ପୁଡ଼ିଆରେ ଗୋଡ଼ିଥିବାର ଦେଖି ଘଟଣା ବିଷୟରେ ଥାନାରେ ଜଣାଇଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର


ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିରରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା,୨୫।୮(ଡି.ଏନ.ଏ.)

**ନାମ ପଞ୍ଜୀକରଣ କଲେ ୧୩୪ ଜଣ ଚାକିରୀ ଆଶାୟୀ**

ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଗୁରୁବାର କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରୁ ଚାକିରୀ ଆଶାୟୀ ପ୍ରାର୍ଥିନୀ ପ୍ରାର୍ଥୀ ଯୋଗ ଦେଇ ନିଜ ନିଜର ନାମ ପଞ୍ଜୀକରଣ କରିଛନ୍ତି। ସର୍ବମୋଟ ୧୩୪ ଜଣ ନାମ ପଞ୍ଜୀକରଣ କରିଥିଲା ବେଳେ ୯୩ ଜଣ ଉପସ୍ଥିତ ରହି ବିଭିନ୍ନ ଚାକିରୀ ପ୍ରଦାନକାରୀ ସଂସ୍ଥା ପ୍ରତି ଆକୃଷ୍ଟ ହେବା ସହ ନିଜ ନିଜର ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ ପ୍ରଦାନ କରିଛନ୍ତି । ସେମାନଙ୍କୁ ପ୍ରଥମେ ଉକ୍ତ ସଂସ୍ଥାଗୁଡିକ ତାଲିମ ଦେବା ପରେ ନିଯୁକ୍ତି ପ୍ରଦାନ କରିବ ବୋଲି ଜଣାପଡ଼ିଛି। ତାଲିମ ପ୍ରଦାନକାରୀ ସଂସ୍ଥା ବିଶେଷ କରି ହୋଟେଲ ମ୍ୟାନେଜମେଣ୍ଟ, ଟେଲରିଂ, ବିପିଓ କଲ ସେଣ୍ଟର, ନର୍ସିଂ ଆଦି ୬ଟି ସଂସ୍ଥାର ପ୍ରତିନିଧିମାନେ ଏଥିରେ ଯୋଗ ଦେଇ ନିଜ ନିଜ ସଂସ୍ଥାର କାର୍ଯ୍ୟାବଳୀ ଉପସ୍ଥାପନ କରିଥିଲେ । ଏହି ଶିବିରରେ ଅତିଥି ଭାବେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା,ଉପାଧ୍ୟକ୍ଷା ସୁନିତା ଅହିର ଓ ଓରମାସର ଜିଲା ସଂଯୋଜକ ସୁନିଲ ବିଶ୍ୱାସ ଟପ୍ପୋ ପ୍ରମୁଖ ଯୋଗଦେଇ ନିଯୁକ୍ତି ପରାମର୍ଶ ଶିବିର ଆୟୋଜନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। କୁଆଁରମୁଣ୍ଡା ବିଡିଓ ତୃପ୍ତି ବରାଇଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଶିବିରକୁ ଓଡିଶା ଜୀବିକା ମିଶନର କୁଆଁରମୁଣ୍ଡା ବ୍ଲକ ସଂଯୋଜକ ରଶ୍ମିତା ବେହେରା ପରିଚାଳନା କରିଥିଲା ବେଳେ ବିପିଏମ ପ୍ରସନ୍ନ କୁମାର ମୋଦି କାର୍ଯ୍ୟ ପରିଚାଳନା କରିଥିଲେ ।

# ହିଣ୍ଡାଲ୍‌କୋ ପକ୍ଷରୁ କୁକୁଡ଼ା ଚାଷୀଙ୍କୁ ସହାୟତା

ସମ୍ବଲପୁର,୨୫।୮(ବ୍ୟୁରୋ)

ହିଣ୍ଡାଲ୍‌କୋ ହୀରାକୁଦ ଏବଂ ଓଡିଶା ସରକାରଙ୍କ ପ୍ରାଣୀସମ୍ପଦ ବିଭାଗ ମିଳିତ ଉଦ୍ୟମରେ କୁକୁଡ଼ା ଚାଷ ସକାଶେ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି କ୍ରମରେ ବୁଢ଼କଣ୍ଟା ଗ୍ରାମର ଅଜିତ କୁମାର ବାରିକଙ୍କୁ ୫ଶହ କୁକୁଡ଼ା ଚାଷ ନିମନ୍ତେ କୁକୁଡ଼ା ଫାର୍ମ କରିବାକୁ ଆର୍ଥିକ ସହାୟତା ଦିଆଯାଇଛି। ପାରମ୍ପରିକ କୃଷିକାର୍ଯ୍ୟ ସହ କୃଷକମାନେ ଯେପରି ଆତ୍ମନିର୍ଭରଶୀଳ ହେବେ ସେଥିପାଇଁ ହିଣ୍ଡାଲକୋ ସର୍ବଦା ପ୍ରୟାସ ଜାରି ରଖିଛି। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋର ଏଜିଏମ୍ ଆଡମିନ ବିଭାଗର ରାଜ ସିଂ, ମାନବ ସମ୍ବଳ ବିଭାଗର ବିଷ୍ଣୁ ଶଶିନ୍ଦ୍ରନ, ପରିବେଶ ବିଭାଗର ସ୍ୱିଟି ବାଙ୍ଗରେ, ସିଏସ୍‌ଆର୍ ବିଭାଗ ମୁଖ୍ୟ ସୁକାନ୍ତ ମହାପାତ୍ର ଓ ସରୋଜ ଆଚାର୍ଯ୍ୟ ଯୋଗଦେଇ କୁକୁଡ଼ା ଚିଆଁ ବଣ୍ଟନ ସହ ଚାଷୀଙ୍କୁ ପ୍ରୋତ୍ସାହିତ କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ହେଡ କୈଳାଶ ପାଣ୍ଡେଙ୍କ ମାର୍ଗଦର୍ଶନ ଏବଂ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆଗକୁ ଏହିପରି କୃଷି, ମତ୍ସ୍ୟ, ପଶୁପାଳନ ସମ୍ପର୍କିତ କାର୍ଯ୍ୟକ୍ରମ ଜରିଆରେ କୃଷକମାନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

## ସମାଲୋଚକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକ

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତସିଂହପୁର ଜିଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଓଟିଣ୍ଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ବୃତ୍ତିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ଜଣେ ନିରଳସ ସାରସ୍ୱତ ସାଧକ ଭାବରେ ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଥିଲେ। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ଜଣେ କୃତବିଦ୍ୟ ଗବେଷକ ଭାବରେ ତାଙ୍କର ସୁନାମ ରହିଥିଲା। ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁମୂଲ୍ୟ ଅବଦାନ ପାଇଁ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସ୍ୱର୍ଗତ ଦାଶଙ୍କ ଦେହାନ୍ତ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶ ପରିଷଦ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା, ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

# ସରକାରୀ ଜମି ହଡ଼ପ ଅଭିଯୋଗ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପଡ଼ାବାସୀ।

ବ୍ରଜରାଜନଗର,୨୫।୮(ଡି.ଏନ.ଏ.)

ରାଜପୁର ପଞ୍ଚାୟତ ବାଘରଛକା ରୋହିଦାସ ପଡ଼ାରେ ସର୍ବସାଧାରଣ ବ୍ୟବହାର ଉପଲକ୍ଷେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଚଞ୍ଚକତା କରି ନିଜ ନାମରେ କରିନେଇଛନ୍ତି। ଏହାକୁ ପଞ୍ଚାୟତବାସୀ ବିରୋଧ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜପୁର ପଞ୍ଚାୟତ ସରପଞ୍ଚ ସରସ୍ୱତୀ ନାୟକ, ସମିତିସଭ୍ୟା ସସ୍ମିତା ତନ୍ତୀଙ୍କ ଅଭିଯୋଗ ଅନୁଯାୟୀ ରୋହିଦାସ ପଡ଼ାରେ ଥିବା ୨୬ ଡେସିମିଲ ଜମିରୁ ଲଖନପୁର ଅଞ୍ଚଳର ଜଣେ ବ୍ୟକ୍ତି ଚଞ୍ଚକତା କରି ୧୦ଡେସିମିଲ ଜମି ନିଜନାମାରେ କରି ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ତିନିଦିନ ତଳେ ଉକ୍ତ ଜମିରେ କାମ ଆରମ୍ଭ କରିବା ବେଳେ ପଡାବାସୀ ଏହାକୁ ବିରୋଧ କରି ପୋଲିସ ଓ ବିଧାୟିକା ଅଳକା ମହାନ୍ତିଙ୍କୁ ଅବଗତ କରିଥିଲେ। ବିଧାୟିକା ମହାନ୍ତି ଏ ସମ୍ବନ୍ଧରେ ଜିଲାପାଳଙ୍କୁ ଚିଠି ଲେଖି ତୁରନ୍ତ ପଦକ୍ଷେପ ନେବା ପାଇଁ କହିଥିଲେ। ଗୁରୁବାର ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗଙ୍କ ନେତୃତ୍ୱରେ ପଡ଼ାବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ସେହି ବିବାଦୀୟ ଜମି ଖାତା ନଂ. ୧୧୦, ପ୍ଲଟ ନଂ ୩୧୩/୮୧୪ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ପଡ଼ାବାସୀ କହିଛନ୍ତି।

# ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ବଡ଼ଗାଁ,୨୫।୮(ଡି.ଏନ.ଏ.)

**ଲଭ ଜେହାଦ ଅଭିଯୋଗ ଉଠାଇଲା ବଜରଙ୍ଗ ଦଳ**

ସୁନ୍ଦରଗଡ ଜିଲା ବଡ଼ଗାଁ ଅଞ୍ଚଳରୁ ଗତ କିଛି ବର୍ଷ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ବ୍ୟକ୍ତିମାନେ ସ୍ଥାନୀୟ ଅଞ୍ଚଳର ମହିଳାଙ୍କୁ ନେଇ ଫେରାର ହେବା ଘଟଣା ବାରମ୍ବାର ଲୋକଲୋଚନକୁ ଆସିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ନିର୍ମାଣ ଶ୍ରମିକ ଓ ମିସ୍ତ୍ରୀ ଭାବେ ଗତ ଦୁଇ ବର୍ଷ ହେଲା କାମ କରୁଥିବା ଦେଖିବାକୁ ମିଳୁଛି। ଏମାନେ ବଙ୍ଗାଳୀ ଭାଷା କହୁଥିଲେ ମଧ୍ୟ ପଶ୍ଚିମବଙ୍ଗର ନା ବାଂଲାଦେଶୀ ସ୍ପଷ୍ଟ ଠିକଣା କାହାରି ପାଖରେ ନାହିଁ। ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ଦେଖାଯାଉଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ବଡ଼ଗାଁ ଥାନାରେ ଆୟୋଜିତ ଆମ ପୋଲିସ ସମିତି ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ସଦସ୍ୟମାନେ ଅଞ୍ଚଳକୁ ରାଜ୍ୟ ବାହାରୁ ଆସି ଏଠାରେ ବ୍ୟବସାୟ ଓ କାମ କରୁଥିବା ବ୍ୟକ୍ତିଙ୍କ ପ୍ରକୃତ ପରିଚୟ, ସଠିକ ଠିକଣା ଥାନା ଏବଂ ପଞ୍ଚାୟତରେ ରଖାଯାଉ ବୋଲି ଦାବି କରାଯାଇଥିଲା। କିନ୍ତୁ ପୋଲିସ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହିଁ। ଏଥିପାଇଁ ଗୁରୁବାର ମଧ୍ୟାହ୍ନରେ ବଜରଙ୍ଗ ଦଳର ଜିଲା ସଂଯୋଜକ ମୁକେଶ ପ୍ରଧାନ, ଜିଲା ସମ୍ପାଦକ ରାଜେଶ ଦାସ, ଜିଲା ଆଖଡ଼ା ପ୍ରମୁଖ ଯୋଗୀନ୍ଦ୍ର ଲେହେରୀ, ପ୍ରଖଣ୍ଡ ସଂଯୋଜକ ଆଲୋକ ସାହୁଙ୍କ ସମେତ ସଂଗଠନର କର୍ମକର୍ତ୍ତାମାନେ ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ବୈଠକ କରି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ଥାନା ଅଧିକାରୀ ହୃଷୀକେଶ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ଉଲ୍ଲେଖ କରାଯାଇଛି ଯେ,ବଡ଼ଗାଁ ବ୍ଲକରେ ଲଭ ଜେହାଦ ଭଳି ଅପରାଧିକ କାର୍ଯ୍ୟକଳାପ ଦେଖାଯାଉଛି । ଗତ କିଛି ବର୍ଷ ହେଲା ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ବ୍ୟକ୍ତିମାନେ ଲଭ ଜେହାଦରେ ବିବାହିତା ଓ ଅବିବାହିତା ମହିଳାଙ୍କୁ ଫସାଇ ନେଇ ଚାଲିଯାଉଛନ୍ତି। ଏହି ଘଟଣା ବାରମ୍ବାର ଦେଖାଗଲାଣି। ଅଞ୍ଚଳରେ ଏମାନଙ୍କ ସଂଖ୍ୟା ବଢ଼ିବା ପରେ ଏଭଳି ଘଟଣା ସହିତ ଚୋରି, ଡକାୟତି ଆଦି ବଢ଼ି ଚାଲିଛି। ଏହାକୁ ରୋକିବା ପାଇଁ ପୋଲିସ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଓ ବିଇଓ କାର୍ଯ୍ୟାଳୟ ପାଣି ଘେରରେ

କୁତ୍ରା,୨୫।୮(ଡି.ଏନ.ଏ.)

ବୁଧବାର ରାତିରେ ପ୍ରବଳ ବର୍ଷା ଯୋଗୁ ସୁନ୍ଦରଗଡ ଜିଲାର କୁତ୍ରା ଅଞ୍ଚଳ ଜଳମଗ୍ନ ହୋଇପଡିଛି। ଚାରିଆଡେ ଖାଲି ପାଣି ହିଁ ପାଣି। ବର୍ଷାରେ ଲୋକଙ୍କ ଅବସ୍ଥା ବେହାଲ ହୋଇପଡିଛି । ୧୦ ନମ୍ବର ରାଜ୍ୟ ରାଜପଥରୁ ୧୦୦ ମିଟର ଦୂରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଓ ବିଇଓ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି । ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ଭିତରକୁ ଯିବା ପାଇଁ ବେଞ୍ଚର ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ପରେ ଅଗ୍ନିଶମ ବାହିନୀ ଆସି ଡ୍ରେନ କାଟି ପାଣି ବାହାର କରିବାରେ ସାହାଯ୍ୟ କରିଥିଲେ। ସେହିଭଳି ତହସିଲ କାର୍ଯ୍ୟାଳୟ ଓ ତହସିଲଦାରଙ୍କ ବାସଭବନ ପରିସରରେ ଆଣ୍ଠୁଏ ପାଣି ଜମି ରହିବା ଦେଖିବାକୁ ମିଳିଥିଲା। ଲଗାଣ ବର୍ଷା ଯୋଗୁ କୁତ୍ରା ବସ୍ତିରେ ରହୁଥିବା ବିନତି କୁଜୁରଙ୍କ ଘର ଭାଙ୍ଗି ଯାଇଛି।



ପାଣି ଘେରରେ କେନ୍ଦ୍ରିୟ ବିଦ୍ୟାଳୟ।

# ହାତୀପଲ ଏବେ ଗାଁମୁହାଁ

ବଣାଇଁ,୨୫।୮(ସ୍ୱ.ପ୍ର.)

**କେଲୋ ଗ୍ରାମରେ ଭାଙ୍ଗିଲେ ଘର, ନଷ୍ଟ କଲେ ଫସଲ**

ଗତ କିଛିଦିନ ଧରି ସୁନ୍ଦରଗଡ ଜିଲାର ବଣାଇଁ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଥିଲା । ଏବେ ପାଗ ଅନୁକୂଳ ହେବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରୁଥିବା ବେଳେ ପୁଣି ହାତୀ ଉପଦ୍ରବ ଚିନ୍ତା ବଢାଇଛି । ବୁଧବାର ରାତିରେ ପୁଣି ବଣାଇଁ ଓ କୁଲିପୋଷ ଅଞ୍ଚଳରେ ହାତୀ ପଶି ଉପଦ୍ରବ କରିବା ଘଟଣା ଲୋକଙ୍କ ଆଖିର ନିଦ ହଜାଇ ଦେଇଛି। ପ୍ରକାଶ ଯେ, ବିଳମ୍ବିତ ରାତିରେ ବଣାଇଁ ବନଖଣ୍ଡର କୁଲିପୋଷ ରେଞ୍ଜ ଅଧୀନ ବଡଗାଁ ଅଞ୍ଚଳରେ ଦୁଇଟି ହାତୀ ପଶି ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରିଥିଲେ । ସୌଭାଗ୍ୟବଶତଃ କେହି ମୃତାହତ ହୋଇନାହାନ୍ତି । ସେହିପରି ବଣାଇଁ ରେଞ୍ଜର କେଲୋ ଅଞ୍ଚଳରେ ଦନ୍ତାହାତୀ ଦୁଇ ଜଣଙ୍କ ଘର ଭାଙ୍ଗିବା ସହିତ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହି ଖବର ପାଇବା ପରେ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଟ୍ରାକ କରିଛନ୍ତି। ଏବେ ଏହି ଗୋଠଛଡା ଦନ୍ତାହାତୀ ନୂଆପାଲି ଜଙ୍ଗଲରେ ଥିବା ନେଇ ବନ ବିଭାଗ ତରଫରୁ ସୂଚନା ମିଳିଛି। ହାତୀ ଉପଦ୍ରବ ନେଇ ଆତଙ୍କିତ ଅବସ୍ଥାରେ ରହିଥିବା ଗ୍ରାମବାସୀ ବନବିଭାଗ ଉପରେ ସେତେଟା ଭରସା କରି ପାରୁନାହାନ୍ତି। କିଭଳି ହାତୀ ଉପଦ୍ରବରୁ ରକ୍ଷା ପାଇବେ ସେଥିନେଇ ଗୁରୁବାର ଆଖପାଖ ଗ୍ରାମଗୁଡିକରେ ବୈଠକ କରିଥିବା ଜଣାପଡିଛି । ବଣାଇଁ ରେଞ୍ଜ ଅନ୍ତର୍ଗତ କେଲୋ ଗ୍ରାମର ବନମାଳୀ ଲୁହରା ଓ ଇଶ୍ୱର ବେହେରାଙ୍କ ଘର ଭାଙ୍ଗି ହାତୀ ନିକଟସ୍ଥ ଜଙ୍ଗଲରେ ଘୁରି ବୁଲୁଛି । ବଣାଇଁ ବନବିଭାଗ ପକ୍ଷରୁ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ଖଣ୍ଡେ ଲେଖାଏ ପଲିଥିନ ଓ ଚାଉଳ ଦିଆଯାଇଛି । ରିପୋର୍ଟ ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ବାରମ୍ବାର ଏଭଳି ଉପଦ୍ରବର ଶିକାର ଜନସାଧାରଣ ବନବିଭାଗର ଅପାରଗତାକୁ ଦାୟୀ କରୁଥିବା ବେଳେ ବିଭାଗୀୟ କର୍ମଚାରୀ ହାତୀ ଘଉଡାଇବା କ୍ଷେତ୍ରରେ ସାଧାରଣ ଲୋକଙ୍କ ସହାୟତା ଲୋଡୁଥିବା ଦେଖାଯାଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୬ ଅଗଷ୍ଟ, ୨୦୨୨

**ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି**

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ସଭାଗୃହରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଭୀମସେନ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖରାମ ସାଣ୍ଡ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସିଡ଼ିପିଓ ସୁଜାତା ଦୋରା ଯୋଗଦେଇଥିଲେ। ଏଥିପୂର୍ବରୁ ବ୍ଲକର ସମସ୍ତ ଗାଁକୁ ଶିବିର ସମ୍ପର୍କରେ କିଭଳି ସୂଚନା ଯାଇ ପାରିବ ପଞ୍ଚାୟତ ପ୍ରତିନିଧିମାନେ ସହଯୋଗ କରିବାକୁ ଅଧିକାରୀମାନେ ଅନୁରୋଧ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାଗ ସଭା ପରିଚାଳନା କରିଥିଲେ।



## ସଂକ୍ଷେପରେ

### ମହିଳାଙ୍କ ପେଟରୁ ବାହାରିଲା ୧୪ କିଲୋର ଟ୍ୟୁମର

ସୋନପୁର,୨୫।୮(ନି.ପ୍ର.): ସୋନପୁର ଆଶା ନର୍ସିଂ ହୋମରେ ବୁଧବାର ବିଳମ୍ବିତ ରାତିରେ ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗାଁର ଶାନ୍ତିଲତା ମେହେର(୪୦)ଙ୍କ ପେଟରୁ ପ୍ରାୟ ୧୪କିଲୋ ଓଜନର ଟ୍ୟୁମର ବାହାରିଛି। ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସ୍ୱପ୍ନେଶ୍ୱର ବେହେର ଏବଂ ଟିମ୍ ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି। ଶାନ୍ତିଲତା ଏବେ ସୁସ୍ଥ ଅଛନ୍ତି। ମହିଳାଙ୍କ ଓଭାରିୟନ ଟ୍ୟୁମର ହୋଇଥିଲା। ସେ ବହୁ କଷ୍ଟ ପାଉଥିଲେ। ଅଲଟ୍ରାସାଉଣ୍ଡ ପରୀକ୍ଷା ପରେ ଟ୍ୟୁମର ହୋଇଥିବା ୫ ମାସ ପୂର୍ବରୁ ଜଣା ପଡିଥିଲା।

### ନୂଆଁଖାଇ ପାଇଁ ତିନି ଦିନ ଛୁଟି ଦାବି

ସୋନପୁର,୨୫।୮(ନି.ପ୍ର.): ଆସନ୍ତା ସେପ୍ଟେମ୍ବର ୧ ତାରିଖ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ତେବେ ଓଡିଶା ସରକାର ଏଥିପାଇଁ ଛୁଟି ଘୋଷଣା କରିନାହାନ୍ତି। ଅଞ୍ଚଳବାସୀଙ୍କ ମଧରେ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଳା ସଂସ୍କୃତି ଓ ଭାଇଚାରାର ଏହି ପର୍ବ ପାଳନ ପାଇଁ କୋସଳ ସେନା ପକ୍ଷରୁ ତିନି ଦିନିଆ ଛୁଟି ଦାବି କରାଯାଇଛି। ସେନା ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଦାବି ନେଇ ଗୁରୁବାର ଧାରଣା ଦିଆଯାଇଥିଲା। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। କୋସଳ ସେନା ପକ୍ଷରୁ ଚନ୍ଦନ ପଧାନ, ସରୋଜ ମହାକୁର, ହିମାଂଶୁ ବାଗ, ମାନସ ସାହୁ, ବିକି ସାହୁ, ବୁଢ଼ାରାଜା ଯୁବକ ସଂଘର ଶିବଶଙ୍କର ନାଏକ ଓ ସ୍ୱରୂପ ପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

### ସାମାଜିକ କର୍ମୀ ସତ୍ୟନାରାୟଣ ପଧାନଙ୍କ ପରଲୋକ

ମୁରିବାହାଲ,୨୫।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ସାମାଜିକ କର୍ମୀ ସତ୍ୟନାରାୟଣ ପଧାନଙ୍କ ଗୁରୁବାର ବୁର୍ଲା ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୧ବର୍ଷ ହୋଇଥିଲା। ବୁଧବାର ସେ


ସତ୍ୟନାରାୟଣ ପଧାନ

ହଠାତ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ମୁରିବାହାଲ ଓ ପରେ ବୁର୍ଲା ମେଡ଼ିକାଲ ସ୍ଥାନାନ୍ତର କରିଥିଲେ। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କର ଉଚ୍ଚ ରକ୍ତଚାପ ଓ କିଡନୀଜନିତ ରୋଗଥିଲା। ମୃତ୍ୟୁଶଯ୍ୟା ନିକଟରେ ମା ଓ ଏକମାତ୍ର ଭଉଣୀଙ୍କ ସହ ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡିତ ଥିଲେ। ବିଜେଡିର ଜଣେ ସକ୍ରିୟ କର୍ମୀଭାବେ ସେ କାର୍ଯ୍ୟ କରୁଥିଲେ। ବୁର୍ଲାରୁ ମରଶରୀର ଗାଁକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କାକା ରାଧେଶ୍ୟାମ ପଧାନ ମୁଖାଗ୍ନି ଦେଇଥିଲେ।ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

# ଶିକ୍ଷା, ପରିମଳ ବ୍ୟବସ୍ଥାରେ ସୁଧାର ଆସୁନି

ସୋନପୁର, ୨୫।୮(ନି.ପ୍ର.)

- ସୁବର୍ଣ୍ଣପୁର ଜିଲାରେ ରୂପାନ୍ତରଣ ହାଇସ୍କୁଲର ସ୍ଥିତି
- ୩ ହାଇସ୍କୁଲର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କୁ କୈଫିୟତ
- ସିଣ୍ଡୋଲରେ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ, ଉଫୁଲାରେ ଶିକ୍ଷକଙ୍କ ଦରମା ବନ୍ଦ

ରାଜ୍ୟ ସରକାର ୫-ଟି ଯୋଜନାରେ ହାଇସ୍କୁଲଗୁଡିକୁ ପର୍ଯ୍ୟାୟକ୍ରମେ ସାମିଲ କରି ଏହାର ରୂପାନ୍ତରଣ କରୁଛନ୍ତି। ଗତ ନଭେମ୍ବର ୧୪ରେ ପ୍ରଥମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲାର ୧୧ଟି ହାଇସ୍କୁଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୧ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନସିଂ ଜରିଆରେ ଏହି ସବୁ ହାଇସ୍କୁଲକୁ ଲୋକାର୍ପଣ କରିଛନ୍ତି। ଏହି ସବୁ ହାଇସ୍କୁଲଗୁଡିକ ସୁନ୍ଦର ଭାବେ ସଜେଇ ହୋଇଛି। ତେବେ ଅଧିକାଂଶ ସ୍କୁଲର ଶିକ୍ଷା ଓ ପରିମଳ ବ୍ୟବସ୍ଥାରେ ସୁଧାର ଆସିନି। ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ କିଛି ହାଇସ୍କୁଲ ପରିଦର୍ଶନ କରିବା ପରେ ଏଭଳି ଚିତ୍ର ସାମ୍ନାକୁ ଆସିଛି।

ବୁଧବାର ଜିଲାପାଳ ନରୱଣେ ଉଲୁଣ୍ଡା ବ୍ଲକର ସିଣ୍ଡୋଲ ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟର ପରିମଳ ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ହାଇସ୍କୁଲରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ଓ ଅତ୍ୟାଧୁନିକ ବିଜ୍ଞାନଗାରର ସୁବିଧା ରହିଛି। ଇ କଣ୍ଟେଣ୍ଟ ଡେଭଲପ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୭ଦିନିଆ ତାଲିମ ମଧ୍ୟ ଦିଆଯାଇଛି। କିନ୍ତୁ ବିଦ୍ୟାଳୟର କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ତାହା ପ୍ରସ୍ତୁତ କରିନାହାନ୍ତି। ଛାତ୍ରୀଛାତ୍ରଙ୍କୁ ଅଡିଓ ଭିଜୁଆଲ ମାଧମରେ କୌଣସି ବିଷୟରେ ଡିଜିଟାଲ ଶିକ୍ଷା ଦିଆଯାଉନି। ସେହିପରି ଛାତ୍ରୀଛାତ୍ର ବ୍ୟବହାର କରୁଥିବା ବିଦ୍ୟାଳୟର ପାଇଖାନା ଅପରିଷ୍କାର ରହିଛି। ତେଣୁ ଜିଲାପାଳ ସଣ୍ଡୋଲ ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଶୁକ୍ରବାର କୈଫିୟତ ତଲବ କରିବା ସହ ଅଗଷ୍ଟ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୀରମହାରାଜପୁର ବ୍ଲକ ଉଫୁଲା ମାହେଶ୍ୱରୀ ବିଦ୍ୟାପୀଠ ପରିଦର୍ଶନ ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଇ କଣ୍ଟେଣ୍ଟ ଡେଭଲପ କରି ନ ଥିବା ଜଣାପଡିଥିଲା। ଛାତ୍ରୀଛାତ୍ର ଡିଜିଟାଲ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏହି ରୂପାନ୍ତରଣ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲାପାଳ କୈଫିୟତ ତଲବ କରିବା ସହ ଅଗଷ୍ଟ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ ଉଲୁଣ୍ଡା ବ୍ଲକର କୋଟସମଲାଇ ସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲ ପରିଦର୍ଶନ ସମୟରେ ନାନା ଅବ୍ୟବସ୍ଥା ଦେଖିଥିଲେ। ଏହି ବିଦ୍ୟାଳୟର କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଡିଜିଟାଲ ଜରିଆରେ ପାଠ ପଢାଇବା ପାଇଁ ଇ କଣ୍ଟେଣ୍ଟ ପ୍ରସ୍ତୁତ କରି ନ ଥିବା ଜଣା ପଡିଥିଲା। ବିଦ୍ୟାଳୟ ପରିସର ପରିଷ୍କାର ପରିଚ୍ଛନ୍ନ ନ ଥିଲା। କର୍ତ୍ତବ୍ୟରେ ଅବହେଳା ପାଇଁ ଡିଇଓ ଭୋଇ ଏହି ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜିଲାପାଳ ଓ ଡିଇଓଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ପରେ ୫-ଟି ସ୍କୁଲର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ଅନ୍ୟପକ୍ଷେ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଯୋଗୁଁ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ସରକାର ଚିନ୍ତା କରୁଥିବା ବେଳେ କିଛି ଶିକ୍ଷୟତ୍ରୀ ଶିକ୍ଷକଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଶିକ୍ଷା କ୍ଷେତ୍ରରେ ବିଶେଷ ପରିବର୍ତ୍ତନ ଆସି ନ ଥିବା ଆଲୋଚନା ହେଉଛି।

## ନୂଆଁଖାଇ ପାଇଁ ୨ ଦିନ ଛୁଟି ଦାବି କଲା କୋସଲ ସେନା


କୋସଲ ସେନା ପକ୍ଷରୁ ବିଡିଓ ଶଙ୍କର କେରକେଟାଙ୍କୁ ସ୍ମାରକପତ୍ର ଦିଆଯାଉଛି।

ଲୋଇସିଂହା,୨୫।୮(ଡି.ଏନ.ଏ)

୧ ସେପ୍ଟେମ୍ବରରେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ। ଏହି ଅବସରରେ ପଶ୍ଚିମ ଓଡିଶାବାସୀଙ୍କୁ ଦୁଇଦିନିଆ ସରକାରୀ ଛୁଟି ଦେବାକୁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୋସଲ ସେନା ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ସେନା ପକ୍ଷରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଗଲପୁର ବିଡିଓ ଶଙ୍କର କେରକେଟାଙ୍କ ଜରିଆରେ ଗୁରୁବାର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ହିତାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ପର୍ବ ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗ ସହ ଜଡିତ ରହିଛି। ଦୂରଦୂରାନ୍ତରେ ଥିବା ଲୋକେ ଏହି ପର୍ବ ପାଇଁ ଗାଁକୁ ଛଟି ଆସିଥାନ୍ତି। ଏଥିପାଇଁ ୨ଦିନିଆ ସରକାରୀ ଛୁଟି ଦେବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଅପପରକ୍ଷେ ରାଜ୍ୟ ସରକାରଙ୍କ ଅଧୀନରେଥିବା କର୍ମଚାରୀ ଏବଂ ପେନସନ ଭୋଗୀମାନଙ୍କୁ ନୂଆଁଖାଇ ପୂର୍ବରୁ ଦରମା ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# କୃଷକଙ୍କ ଉତ୍ପାଦକୁ ପ୍ରୋତ୍ସାହିତ କଲେ ମନ୍ତ୍ରୀ



ମନ୍ତ୍ରୀ ଉତ୍ପାଦକ ଦ୍ରବ୍ୟ ଲୋଗୋ ଉନ୍ମୋଚନ କରୁଛନ୍ତି।

ଟିଟିଲାଗଡ଼, ୨୫।୮(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଓଡିଶା ମିଲେଟ ମିଶନ ଯୋଜନାରେ ଟିଟିଲାଗଡ ଅଞ୍ଚଳରେ ଦେଢ ଶହ ଏକର ଜମିରେ ଗୁରୁଜି, ମାଣ୍ଡିଆ, କଦୋ ଆଦି ଚାଷ ହେଉଛି। ଏଥିସହ ସେଥିରେ ପ୍ରସ୍ତୁତ ବିଭିନ୍ନ କିସମର ଖାଦ୍ୟ ଦ୍ରବ୍ୟ ବଜାରରେ ଉପଲବ୍ଧ ହେଉଛି। ଏଥିରେ ସମ୍ପୃକ୍ତ ଚାଷୀ, ମହିଳା ଗୋଷ୍ଠୀ, ଭିନ୍ନକ୍ଷମ ଉଦ୍ୟୋକ୍ତାଙ୍କୁ ଉତ୍ସାହିତ କରିବା ପାଇଁ ଗୁରୁବାର ଟିଟିଲାଗଡ ବ୍ଲକ ବାନ୍ଧୁପଲାଠାରେ ଏକ ପ୍ରୋତ୍ସାହନ ଶିବିରରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଖାଦ୍ୟ, ଧୂପକାଠି, ମସଲା ଆଦି ଦ୍ରବ୍ୟ ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଶିବିରରେ ଯୋଗଦେଇ ମଧୁରିମା, ସମ୍ବଲ ଶକ୍ତି ଆଦି କମ୍ପାନୀର ଲୋଗୋ ଉନ୍ମୋଚନ କରିଥିଲେ। ଏହା ସହ କୃଷକ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଲଗାଯାଇଥିବା ବିକ୍ରୟ ଷ୍ଟଲ ସବୁ ବୁଲି ଦେଖିଥିଲେ। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉତ୍ପାଦକ ଗୋଷ୍ଠୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଆଶା ଅନୁଷ୍ଠାନ ପକ୍ଷରୁ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ନାବାର୍ଡ ଡିଡିଏମ ବଲାଙ୍ଗୀର ଲକ୍ଷ୍ମଣ ସୋଏ ଉତ୍ପାଦକ କମ୍ପାନୀଗୁଡିକର ଉତ୍ଥାନ ନେଇ ସରକାରଙ୍କ ପକ୍ଷରୁ ରିହାତି ତଥା ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ କୃଷକ, ମହିଳା ଗୋଷ୍ଠୀ, ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଶା ସମ୍ପାଦକ ସଞ୍ଜିବ ପଟ୍ଟନାୟକ ସୂଚନା ଦେଇଥିଲେ। ବ୍ଲକ କୃଷି ଅଧିକାରୀ ଲାଲବିହାରି ମଲ୍ଲିକ, ଓଡିଶା ମିଲେଟ ମିଶନ ସଂଯୋଜିକା ପ୍ରଜ୍ଞାସିନୀ ବେହେରା, ଆଶା ପରାମର୍ଶଦାତା ପ୍ରଦୀପ ମଲ୍ଲିକ ଉପସ୍ଥିତ ଥିଲେ। ସତ୍ୟଜିତ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର କର୍ମୀ ସମ୍ମିଳନୀ

ସୋନପୁର,୨୫।୮(ନି.ପ୍ର)

ବିନିକା ବ୍ଲକ ବିଶାଳପାଲିରେ ଗୁରୁବାର ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚରଦେଇ ମଣ୍ଡଳ ସଭାପତି ବିଶ୍ୱଦେବ ବଡ଼ପଣ୍ଡାଙ୍କ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନେତା ଆନନ୍ଦ ବାରିକ, ଜିଲା ପରିଷଦ ସଭ୍ୟା କଲତା, ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସନା, ପୂର୍ବତନ ଜିଲା ସଭାପତି ବିଜୟ କୁମାର ମହାକୁର, ଜିଲା ଉପସଭାପତି ଅଶୋକ କୁମାର ପୃଷ୍ଟି, ଏସି ମୋର୍ଚ୍ଚା ସଭାପତି ବାବୁଲୁ ବିଶି, ପୂର୍ବତନ ନଗରପାଳ ଉଷତ କର ପ୍ରମୁଖ ଯୋଗଦେଇ ଦଳର ସଂଗଠନ ବୁଥସ୍ତରରୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମଣ୍ଡଳ ସମ୍ପାଦକ ଉଦ୍ଧବ ମହାକୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମଧୁ କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ଏହି ସଭାରେ ଜୋନ ନଂ ୧ ଚରଦେଇ ମଣ୍ଡଳର ପ୍ରତ୍ୟେକ ଗ୍ରାମରୁ ଭାଜପା କର୍ମକର୍ତ୍ତା ଯୋଗ ଦେଇଥିଲେ ।

## କାର୍ଯ୍ୟ ତ୍ୱରାନ୍ୱିତ ନେଇ ଜଙ୍ଗଲ ମନ୍ତ୍ରୀଙ୍କ ସମୀକ୍ଷା

ବୌଦ୍ଧ,୨୫।୮(ସ୍ୱ.ପ୍ର.)

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଅନୁମତି ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ଜଙ୍ଗଲ,ପରିବେଶ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଅଧକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହିରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ୫ ଟି ପର୍ଯ୍ୟାୟରେ ସମ୍ପାଦିତ ହେବ। ୦-୩୫ କିଲୋମିଟର ପର୍ଯ୍ୟନ୍ତ (୯.୦୯୫ ହେକ୍ଟର ଜଙ୍ଗଲ ଜମି) ହେବାକୁ ଥିବା ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ-୧ ଓ ଷ୍ଟେଜ୍-୨ ଅନୁମତି ମିଳିସାରିଛି। ସେହିପରି ୩୬-୧୧୨ କିଲୋମିଟର (୫୯.୭୧୭ ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍-୧ ଓ ଷ୍ଟେଜ୍-୨ ଅନୁମତି ମିଳିସାରିଛି। ପୂର୍ବତଟ ରେଳପଥ ଏହି କାର୍ଯ୍ୟ ଆରମ୍ଭ କରିବାରେ କୌଣସି ସମସ୍ୟା ନାହିଁ। ନୟାଗଡ ଜିଲା ବନଖଣ୍ଡ ଅନ୍ତର୍ଗତ ୧୧୨-୧୪୩ କିଲୋମିଟରେ (୧୯୨.୨୮୯ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ହେବାକୁ ଥିବା ରେଳ ଲାଇନ ପ୍ରକଳ୍ପକୁ ଅଦ୍ୟାବଧି ଷ୍ଟେଜ୍ -୧ ଅନୁମତି ମିଳିପାରିନାହିଁ। ସେହିପରି ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ୧୪୩ - ୧୮୦ କିଲୋମିଟର(୩୦୨.୩୨୯ ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ହେବାକୁ ଥିବା ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍-୧ ଅନୁମତି ମିଳିପାରିନାହିଁ। ଭାରତ ସରକାରଙ୍କ ସମ୍ପୃକ୍ତ ବିଭାଗ ସହ ଯୋଗାଯୋଗ କରି ଅଗଷ୍ଟ ମାସ ଶେଷ ସୁଦ୍ଧା ଷ୍ଟେଜ୍-୧ ଅନୁମତି ଆଣିବା ପାଇଁ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଅମାତ ମୁଖ୍ୟ ବନସଂରକ୍ଷକ ଜି .ରାଜେଶ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ୧୮୦-୨୩୮ କିଲୋମିଟର (୧୩.୨୨ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍-୧ ଅନୁମତି ମିଳିସାରିଛି। ସୁବର୍ଣ୍ଣପୁର ଓ ବଲାଙ୍ଗୀର ବନଖଣ୍ଡ ଅଧୀନ ୨୩୮-୨୮୯ କିଲୋମିଟର(୬୯.୭୭ ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍ -୧ ଅନୁମତି ମିଳିସାରିଛି ବୋଲି ବୈଠକରୁ ଜଣାପଡିଛି । ଏହି ପ୍ରକଳ୍ପ ଶେଷ ହେଲେ ଖୋର୍ଦ୍ଧା, ନୟାଗଡ, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଏବଂ ଆଖପାଖ ଜିଲାର ଜନସାଧାରଣ ଉପକୃତ ହେବେ ବୋଲି ମନ୍ତ୍ରୀ ଅମାତ ଉଲ୍ଲେଖ କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବଲାଙ୍ଗୀର ଅଫିସ,୨୫।୮

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦଘାଟିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସନ୍ଥକବି ଭୀମଭୋଇଙ୍କ ବାଣୀ ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ ପାଠ କରି ଭୀମଭୋଇଙ୍କ ଏହି ମହାନ ବାଣୀକୁ ସମସ୍ତ ଜନପ୍ରତିନିଧି ତଥା ସରକାରୀ ଅଧିକାରୀ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରିପାରିଲେ ସମାଜର ଉନ୍ନତି ହେବା ସହ ଦେଶର


ବଲାଙ୍ଗୀରରେ ଆୟୋଜିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅତିଥିଙ୍କ ସହ ଭିନ୍ନକ୍ଷମ।

ମଧ୍ୟ ଉନ୍ନତି ହେବ ବୋଲି କହିଥିଲେ। ଭିନ୍ନକ୍ଷମଙ୍କୁ ଦିଆଯାଉଥିବା ସହାୟତା ଦୟା ନୁହଁ, ବରଂ ଏହା ସେମାନଙ୍କ ସାମ୍ବିଧାନିକ ମୌଳିକ ଅଧିକାର ବୋଲି କହିଥିଲେ। ଏଥିରୁ ଯେମିତି ସେମାନେ ବଞ୍ଚିତ ନହୁଅନ୍ତି ସେଥିପ୍ରତି ସରକାର ଯତ୍ନବାନ ହେବା ଉଚିତ୍ ବୋଲି କହିଥିଲେ। ବଲାଙ୍ଗୀର ମେଡିକାଲ କଲେଜକୁ ତାଙ୍କ ଦାବି ମୁତାବକ ସରକାର ଭୀମଭୋଇଙ୍କ ନାମରେ ନାମିତ କରିଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଦଳମତ ନିର୍ବିଶେଷରେ ସମସ୍ତ ଭିନ୍ନକ୍ଷମ ଯେପରି ତାଙ୍କର ହକ୍ ପାଇ ପାରିବେ ସେଥିପ୍ରତି ସମସ୍ତେ ଉଦ୍ୟମ କରିବା ଅବଶ୍ୟକ ବୋଲି କହିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁଙ୍କ ତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ଲିକା ସାହୁ, ପୌର ଉପାଧକ୍ଷା ଗାୟତ୍ରୀ ଭୋଇ, ପୌରନିର୍ବାହୀ ଅଧିକାରୀ ସାମୀ ରେଡ୍ଡି ଜୟଶ୍ରୀ ମଞ୍ଚାସୀନ ହୋଇ ଭିନ୍ନକ୍ଷମଙ୍କ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ପୌରସଂସ୍ଥାର ସମସ୍ତ କାଉନସିଲରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨୯ରେ ଲୋଇସିଂହା ପହଞ୍ଚିବ ଅହିଂସା ରଥ

ଲୋଇସିଂହା,୨୫।୮(ଡି.ଏନ.ଏ)

ସ୍ୱାଧୀନତାର ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅଗଷ୍ଟ ୧୫ରୁ ଭୁବନେଶ୍ୱରରୁ ବାହାରିଥିବା ଅହିଂସା ରଥ ଆସନ୍ତା ୨୯ତାରିଖରେ ଲୋଇସିଂହାରେ ପହଞ୍ଚିବ। ଓଡିଶାର ସ୍ମାରକୀ ବହନ କରୁଥିବା ଏହି ରଥ ଓଡିଶାର ବୀର ସଂଗ୍ରାମ ଓ ବଳିଦାନର ବାର୍ତ୍ତା ପ୍ରଚାର କରିବ। ଉକ୍ତ ରଥ ବଲାଙ୍ଗୀର ସହର ଦେଇ ଲୋଇସିଂହା, ରାମପୁର, ସାଲେଭଟା ଡୁଡୁକା, ରୋତ ହୋଇ ଆଗଲପୁରେ ପହଞ୍ଚିବ। ୩୦ ତାରିଖ ଆଗଲପୁରରୁ ବାହାରି ଭରସୁଜା, କୁଶଙ୍ଗ, ଚନ୍ଦନଭାଟି, ଲର୍କିପାଲି, ପଥରଚେପା, ବୃଡାପାଲି, ଭଇଁଷା ହୋଇ ପାଟଣାଗଡରେ ପହଞ୍ଚିବ। ୩୧ରେ ରଥ ଯୋଗୀମୁଣ୍ଡା, ଖପ୍ରାଖୋଲ, ମାଲପଡା, ଲାଠୋର, ଗମ୍ଭାରୀ, ବେଲପଡା ହୋଇ କଣ୍ଟାବାଞ୍ଜିରେ ପହଞ୍ଚିବ। ସେହିପରି ଅନ୍ୟ ଏକ ରଥ ଅନ୍ୟ ମାର୍ଗ ଦେଇ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବ। ଅହିଂସା ରଥକୁ ସମ୍ବର୍ଦ୍ଧନା ପାଇଁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧି ତଥା ଜନସାଧାରଣଙ୍କୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ଚାଷୀଙ୍କୁ ସଚେତନ କରିବ କୃଷିରଥ

ଦେଓଗାଁ,୨୫।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଗୁରୁବାର କୃଷି ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଗ୍ରାମ୍ୟ କୃଷି କର୍ମୀ ହିଂମାଂଶୁ କୁମାର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥିଭାବେ ଜୟଦେବ ସିଂନିନା, ଅଗ୍ରଣୀ ଚାଷୀ କୁଳଧର ଖଣ୍ଡଗିରି ଉପସ୍ଥିତ ରହି କୃଷି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଦେଓଗାଁ ବ୍ଲକର ୧୨ନଂ ଜିଲା ପରିଷଦ ଜୋନର ଛଅଟି ପଞ୍ଚାୟତର ସମସ୍ତ ଗାଁକୁ ଯାଇ ଚାଷୀ ପଞ୍ଜିକରଣ, ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସହାୟତା ବିଷୟରେ ସଚେତନତା କରିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ କୃଷି ବିଭାଗର କର୍ମଚାରୀ ତଥା ବନ୍ଧପଡା ପଞ୍ଚାୟତର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ଭୋଟର କାର୍ଡ, ଆଧାର ସଂଯୋଗୀକରଣ ସଚେତନତା

କଣ୍ଟାବାଞ୍ଜି, ୨୫।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁବାର ଭୋଟର ଓ ଆଧାର କାର୍ଡ ସଂଯୋଗୀକରଣ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଉଭୟ କାର୍ଡ ସଂଯୋଗକରଣ ହେଲେ କିପରି ସରକାରୀ ସୁବିଧା ସୁଯୋଗ ମିଳିପାରିବ ତାହା ଉପରେ ଧାରଣା ପ୍ରଦାନ କରାଯାଇଥିଲା। ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ନେପାଳ ସେଠୀ, ସୋମନାଥ ମେହେର, ଅଧାପିକା ସୁନନ୍ଦା ରଥ, ଲିପନିତା ପ୍ରଧାନ,କଲ୍ୟାଣୀ ମେହେର, ବୁଥ ଲେଭଲ ସୁପରଭାଇଜର ପ୍ରମୋଦିନୀ ପାଣିଗ୍ରାହୀ, ବୁଥ ଲେଭଲ ଅଫିସର କାନ୍ତି ମାଝି, କସ୍ତୁରୀ ସୁନା, ସସ୍ମିତା ଦ୍ୱୀପ ଅଂଶଗ୍ରହଣ କରି ଛାତ୍ରୀମାନଙ୍କୁ ସଂଯୋଗୀକରଣ ଉପରେ ସୂଚନା ଦେଇଥିଲେ। ସୋମନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ୍ରାଫ ଟିମ୍‌ର ସର୍ଚ୍ଚ ଅପରେଶନ

ସଇଁତଳା,୨୫।୮(ଡି.ଏନ.ଏ.)

**ଲାନ୍ଥନଦୀରୁ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା**

- ମୃତାଙ୍କ ସୂଚନା ପାଇଲେ ପୋଲିସକୁ ଜଣାନ୍ତୁ: ଏସ୍‌ଡ଼ିପିଓ
- ଦିନତମାମ ଖୋଜିଲା, ମୁଣ୍ଡ ପାଇଲାନି ଓଡ୍ରାଫ

ବଲାଙ୍ଗୀର ଜିଲା ସଇଁତଳା ଥାନା କୁଇକେଡ଼ା ପଞ୍ଚାୟତ ନିକଟ ଲାନ୍ଥନଦୀରୁ ଜଣେ ଯୁବତୀଙ୍କ ମୁଣ୍ଡବିହୀନ ମୃତଦେହ ବୁଧବାର ସକାଳୁ ପୋଲିସ ଜବତ କରିଥିଲା। ଗୁରୁବାର ସକାଳୁ ବଲାଙ୍ଗୀର ଓଡ୍ରାଫ ଟିମ ଆସି ନଦୀରେ ମୁଣ୍ଡକୁ ଖୋଜାଖୋଜି କରିଥିଲେ। ଟିମର ୧୬ଜଣ ସଦସ୍ୟ ଏକ ବୋଟ ଧରି ଅପରେଶନ ଚଳାଇଥିଲେ ହେଁ ମୁଣ୍ଡର ସନ୍ଧାନ ପାଇ ପାରି ନ ଥିଲେ। ଏହି ସମୟରେ ସଇଁତଳା ଥାନା ଏସଆଇ ସଙ୍ଗୀତା ବେକ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଟିଟିଲାଗଡ଼ ଏସ୍‌ଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ ଯୁବତୀଙ୍କ ବିଷୟରେ କୌଣସି ସୂଚନା ପାଇଲେ ମୋବାଇଲ ନମ୍ବର ୭୯୭୮୩୪୯୬୩୭ରେ ସୂଚନା ପ୍ରଦାନ କରିବାକୁ ନିବେଦନ କରଛନ୍ତି।


ଓଡ୍ରାଫ ଟିମ୍ ଯୁବତୀଙ୍କ ମୁଣ୍ଡକୁ ନଦୀରେ ଖୋଜୁଛି।

ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ସେ କହିଛନ୍ତି।

ବୁଧବାର ସକାଳେ କମରଲଗାର ଗ୍ରାମବାସୀ ଶୌଚ ପାଇଁ ନିକଟସ୍ଥ ଲାନ୍ଥନଦୀକୁ ଯାଇଥବାବେଳେ ନଦୀରେ ଏକ ମୁଣ୍ଡ ବିହୀନ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲା। ଶବ ଭାସୁଥିବା ସ୍ଥାନରୁ ପ୍ରାୟ ୧୫୦ମିଟର ଦୂର କମରଲଗା ଭଙ୍ଗା ବ୍ରିଜ ନିକଟରେ ପ୍ରବଳ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

ଭବାନୀପାଟଣା,୨୫।୮(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ପ୍ରଦେଶୀପଡା ନିକଟରେ ଗୁରୁବାର ପିକ୍‌ଅପ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁରେନ୍ଦ୍ର ରାଉତ। ତାଙ୍କ ଘର ସହରର କାଳୀମନ୍ଦିର ପଡାର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ସୁରେନ୍ଦ ସହରର ଏକ ହୋଟେଲରେ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗୁରୁବାର ଘରୁ ହୋଟେଲକୁ କାମ କରିବାକୁ ଯାଉଥିଲେ। ଏହି ସମୟରେ ରାସ୍ତାରେ ଏକ ବୋଲେରୋ ପିକ୍‌ଅପ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହାତରନ୍ଧା ଦେଶୀ ମଦ ଜବତ, ଜଣେ ଗିରଫ

ନୂଆପଡ଼ା ଅଫିସ,୨୫।୮: ନୂଆପଡା ଜିଲା ଅବକାରୀ ବିଭାଗ ଦ୍ୱାରା ଚଢାଉ କରି ବିପୁଳ ପରିମାଣ ହାତ ତିଆରି ଦେଶୀ ରନ୍ଧାମଦ ଜବତ କରି ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପିପଲଛିଣ୍ଡି ଗାଁର ରାଜୁ ବାଗ (୨୭)। ନୂଆପଡା ଅବକାରୀ ବିଭାଗ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଅବକାରୀ ଥାନା ଅଧିକାରୀ ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଅବକାରୀ ବିଭାଗ ଏକ ଦଳ ଗୁରୁବାର ସକାଳ ପ୍ରାୟ ୮ଟାରେ କୋମନା ବ୍ଲକ ସମରସିଂ ପଞ୍ଚାୟତ ଟେଙ୍ଗନାବସା ଗାଁରେ ପାଟ୍ରୋଲିଂ କରୁଥିଲେ। ଜଣେ ବ୍ୟକ୍ତି ଦେଶୀ ହାତ ତିଆରି ରନ୍ଧା ମଦ ଚାଲାଣ କରୁଥିବା କୌଣସି ସୂତ୍ରରୁ ଖବର ପାଇ ଟେଙ୍ଗନାବସା ରେଲୱେ ଫାଟକଠାରେ ଚଢାଉ କରାଯାଇଛି। ତାଙ୍କଠାରୁ ୩୦ ଲିଟର ମଦ ଜବତ କରିବା ସହ ଏକ ବାଇକ୍ (ନଂ. ଓଡି-୨୬ଇ୯୦୮୨) ଜବତ କରାଯାଇଛି। ଚଢ଼ାଉରେ ଅବକାରୀ ଟିମ୍‌ର ଗିରେନ୍ଦ୍ର କଟା, ମଳୟ ମହାଲିଙ୍ଗ, ସଞ୍ଜିବ ସାହୁ, ମୁରଲିଧର ଶବର ପ୍ରମୁଖ ସାମିଲ ଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୩୮୬ ପଞ୍ଜୀକୃତ

ଖଡ଼ିଆଳ,୨୫।୮(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ଗ୍ରାମଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮୬ଜଣ ବ୍ୟକ୍ତି ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରେ ମସ୍ତିଷ୍କ ଅନଗ୍ରସର ୩୯, ଦୃଷ୍ଟି ବାଧିତ ୪୨, ଶ୍ରବଣ ବାଧିତ ୪୫, ଅସ୍ଥିଶଲ୍ୟ ୧୪, ସିକ୍ଲିନ, ଥାଲାସେମିଆ ୧୭, ଭତ୍ତା ୨୯, ବସ ପାସ ୨୫, ଟ୍ରେନ ପାସ ୨୭, ବିକଳାଙ୍ଗ ଭତ୍ତା ୧୫ଜଣ ଆବେଦନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଖଡ଼ିଆଳ ବିଡିଓ ନାରାୟଣ ସାହୁ, ସମ୍ମାନିତ ଅତିଥି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସିଡିପିଓ ମୀନା ଅଗ୍ରୱାଲ, ଗୋଷ୍ଠୀ ସାମାଜିକ ଅଧିକାରୀ ପ୍ରସନ୍ନ ବେହେରା, ଜିଲା ବିକଳାଙ୍ଗ ସଭାପତି ଅଚ୍ୟୁତାନନ୍ଦ ସୁନାନୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଚିତର ଚିତ୍ତରଞ୍ଜନ ଦଣ୍ଡସେନା ସହଯୋଗ କରିଥିଲେ।

# ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ

ଭବାନୀପାଟଣା,୨୫।୮(ସ୍ୱ.ପ୍ର.)


୨ୟ ଜିଲା ପରିଷଦ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଭବାନୀପାଟଣାରେ ୨ୟ ଜିଲା ପରିଷଦ ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ଗୁରୁବାର ୨ୟ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ୍ ଉପରେ ଗୁରୁତ୍ୱ ଦିଆଯାଇ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ବିଭାଗୀୟ ଅଧିକାରୀଙ୍କଠାରୁ ଉତ୍ତର ଓ ସମାଧାନ ସକାଶେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରି, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସିଡିଓ ଜିଲା ପରିଷଦ ସୁଶାନ୍ତ କୁମାର ପଟେଲ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ବ୍ଲକ ଅଧ୍ୟକ୍ଷ ସଂଘ ଜିଲା ସଭାପତି ବିନ୍ଦୁ ମହାନନ୍ଦ, ଭବାନୀପାଟଣା ବିଧାୟକ ପ୍ରତିନିଧି ମନୋଜ ସାହୁଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟା/ସଭ୍ୟ, ବ୍ଲକ ଅଧ୍ୟକ୍ଷା/ଅଧ୍ୟକ୍ଷ, ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ପଟେଲ ଜିଲାର ବିକାଶ ନିମନ୍ତେ ପ୍ରଶାସନକୁ ସହଯୋଗ ଓ ସମନ୍ୱୟ ରକ୍ଷା କରି ବିକାଶ ପ୍ରକ୍ରିୟାକୁ ତ୍ୱରାନିତ କରିବାକୁ ନିବେଦନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ସିଂଦେଓ ଜିଲାର ଉନ୍ନତି ଓ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବୈଠକକୁ ଶାନ୍ତିପୂର୍ଣ୍ଣ ଭାବେ ଗଠନ ମୂଳକ ସହାୟତା କରିବାକୁ ଆହ୍ୱାନ ଦେଇଥିଲେ। ଏମପି ପଣ୍ଡା ଲୋକଙ୍କ ପ୍ରତିନିଧି ହିସାବରେ ନିଜ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲାପାଳ ରେଡ୍ଡୀ ନିଜ ଅଞ୍ଚଳର ଉନ୍ନତି ପାଇଁ ଗଠନମୂଳକ ପ୍ରସ୍ତାବ ଦେବା ସହ ବିଭାଗୀୟ ଅଧିକାରୀ ପ୍ରତିନିଧି ଉପସ୍ଥାପନ କରିଥିବା ଅଭିଯୋଗ ଓ ସମସ୍ୟାକୁ ଶୀଘ୍ର ସମାଧାନ ପାଇଁ କହିଥିଲେ। ଆର୍‌ଡବ୍ଲୁଏସଏସ, ଏସଇଙ୍କ ସୂଚନା ଅନୁଯାୟୀ ଜିଲାର ୪ଟି ବ୍ଲକ ଗୋଲାମୁଣ୍ଡା, କଳମପୁର, ଜୁନାଗଡ ଓ ଜୟପାଟଣାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ୨ଟି ବ୍ଲକ କୋକସରା ଓ ଥୁଆମୂଳ ରାମପୁରରେ ଟେଣ୍ଡର କାର୍ଯ୍ୟ ସମାପ୍ତ ହୋଇ ଅନୁଦାନ ପାଇଁ ପ୍ରେରଣ କରାଯାଇଛି। ଏହା ବ୍ୟତୀତ ଅନ୍ୟ ୭ଟି ବ୍ଲକରେ ଘରେ ଘରେ ପାଣିର ବ୍ୟବସ୍ଥା, ୩୨୪ଟି ସୋଲାର ପାନୀୟ ଜଳ ପଏଣ୍ଟ ବ୍ୟବସ୍ଥା, ଅଚଳ ନଳକୂପ ମରାମତି ପାଇଁ ପ୍ରତ୍ୟେକ ବ୍ଲକରେ ନଳକୂପ ଅଭିଯୋଗ ରେଜିଷ୍ଟର, ମୋବାଇଲ ଭ୍ୟାନ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ଷ୍ଟାଫ ଯାଇ ମରାମତି କରିବା ବ୍ୟବସ୍ଥା ଉପରେ କହିଥିଲେ। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୩୮ଟି ହାଇସ୍କୁଲ ଓ ୨ୟ ପର୍ଯ୍ୟାୟର ୧୧୨ଟି ହାଇସ୍କୁଲ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଶେଷ ହୋଇଛି। ୩ୟ ପର୍ଯ୍ୟାୟରେ ୯୮ ହାଇସ୍କୁଲକୁ ନିଆଯାଇଛି। ଶିକ୍ଷକ ଅଭାବ ଥିବା ହାଇସ୍କୁଲରେ ୫୦୧ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେଭଳି ଜିଲାରେ ୧୫୦ଟି ହାଇସ୍କୁଲ ରୂପାନ୍ତିକରଣ କାର୍ଯ୍ୟ ସମାପ୍ତ ଯୋଗୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହେବ ବୋଲି ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ ଜିଲାରେ ବର୍ତ୍ତମାନ ୩୩୯ ଡାକ୍ତର ପଦବୀ ଆବଶ୍ୟକ ସତ୍ତ୍ୱେ କେବଳ ୧୮୬ଜଣ ଅଛନ୍ତି ଓ ୧୫୩ଟି ଖାଲି ପଡ଼ିଛି। ବିଶେଷଜ୍ଞ ପଦବୀ ୧୦୭ ଜାଗାରେ କେବଳ ୩୭ଜଣ ଥିବାବେଳେ ୭୦ଟି ଖାଲି ପଡ଼ିଛି। ସେଭଳି ଷ୍ଟାଫ ନର୍ସ, ଫାର୍ମାସିଷ୍ଟ, ଆୟୁଷ ଡାକ୍ତର, ଟେକନିସିୟନ ପଦବୀ ଖାଲି ରହୁଛି। ଏଣୁ ସ୍ୱାସ୍ଥ୍ୟ ସେବା ଯୋଗଇଦେବାକୁ ଅସୁବିଧା ହେଉଛି ବୋଲି ସିଡିଏମଓ ଡ଼ା ରଞ୍ଜନ ମିତ୍ର ପ୍ରକାଶ କରିଥିଲେ। ସିଡିଏଓ ଖରିଫ ଋତୁ ପାଇଁ ଚାଷୀମାନଙ୍କୁ ରାସାୟନିକ ସାର ୟୁରିଆ, ଡିଏପି ତଥା ନାନୋ ସାର ଯୋଗାଣ ଉପରେ ସବିଶେଷ ତଥ୍ୟ ଦେଇଥିଲେ। ଏଫଏକ୍ୟୁ ମାନର ଧାନ ଉତ୍ପାଦନ ହେଲେ ମଧ୍ୟ କାହିଁକି ଚାଷୀଙ୍କ କୁଇଣ୍ଟାଲ ପିଛା କଟନି କରାଯାଉଛି ବୋଲି ଅନେକ ସଭ୍ୟ ଉଦବେଗ ପ୍ରକାଶ କରିଥିଲେ।

## ଗାଡ଼ି ଧକ୍କାରେ ନାବାଳିକା ମୃତ୍ୟୁ

**କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ**

ଭବାନୀପାଟଣା,୨୫।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ମୋତେଲଗୁଡାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ହାଇଡ୍ରା ଗାଡି ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଭୂମିକା ଗହୀର। ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ଗାଡି ଓ ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ପରିବାରର୍ଗ ଓ ସମ୍ପର୍କୀୟ ଲୋକେ କ୍ଷତିପୂରଣ ଦାବି କରି ରାସ୍ତା ଉପରେ ମୃତଦେହ ରଖି ରାତି ୧୦ରୁ ୨ଟା ଯାଏ ମୋଟେର ମୁଖୀଗୁଡା ରାସ୍ତା ମୋତେଲଗୁଡା ନିକଟରେ ଅବରୋଧ କରିଥିଲେ। ଖବର ପାଇ ଜୟପାଟଣା ଆଇଆଇସି ବାସୁଦେବ ଛତ୍ରିଆ ସହ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ନାବାଳିକାର ପରିବାର ସହ ଆଲୋଚନା କରି ଗାଡି ମାଲିକଙ୍କୁ ଖବର ଦେଇଥିଲେ। ଗାଡି ମାଲିକ ପକ୍ଷରୁ ୨ ଲକ୍ଷ ୪୦ ହଜାର କ୍ଷତିପୂରଣ ଦେବାକୁ ରାଜି ହେବା ପରେ ରାସ୍ତା ଅବରୋଧ ହଟିଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ଜୟପାଟଣା ପୋଲିସ ପରିବାରଙ୍କୁ ହସ୍ତାନ୍ତର କରିଛି।

## ଅନ୍ୟମାନଙ୍କ ପାଇଁ ଜୈବିକ ଚାଷୀ ଜଗନ୍ନାଥ ଉଦାହରଣ

କର୍ଲାମୁଣ୍ଡା,୨୫।୮(ଡି.ଏନ.ଏ.)



ଚାଷୀ ଜଗନ୍ନାଥ ଭୋଇ ଜୀବାମୃତ ପ୍ରସ୍ତୁତ କରୁଛନ୍ତି।

- ଚାଷୀଙ୍କୁ ଜୈବିକ ସାର ପ୍ରସ୍ତୁତି ପଦ୍ଧତି, ବ୍ୟବହାର ଶିକ୍ଷା ଦେଇଛନ୍ତି
- ତାଙ୍କ ବଗିଚାରେ ୨୬୦ ପ୍ରକାର ଫୁଲ, ଫଳ, ଔଷଧୀୟ ବୃକ୍ଷ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରୁ ୧୫ କି.ମି. ଦୂର ଗଜବାହାଲ ପଞ୍ଚାୟତ କଅଁସିଲ ଗ୍ରାମର ସଫଳ ଚାଷୀ ଜଗନ୍ନାଥ ଭୋଇ (୪୫)। ପରିବାର କହିଲେ ସ୍ତ୍ରୀ ଜୟନ୍ତୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ସଂସାର। ଆବର୍ଜନାରୁ ଅର୍ଥ ଉପାର୍ଜନ ଉପାୟକୁ ଆପଣେଇ ବେଶ୍ ରୋଜଗାରକ୍ଷମ ହୋଇପାରିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଜୈବିକ ଖତ ସାର ଓ ରୋଗପୋକ ପ୍ରତିଶେଷଧକ ସାମଗ୍ରୀ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଜଗନ୍ନାଥ ରୋଗପୋକ ପାଇଁ ପୂର୍ବରୁ ରାସାୟନିକ ସାର, କୀଟନାଶକ ବିଷଗୁଡିକ ବଜାରରୁ କିଣି ଚାଷରେ ପ୍ରୟୋଗ କରି ପ୍ରତିବର୍ଷ କ୍ଷତି ସହିବା ପରେ ହତାଶ ହୋଇପଡିଥିଲେ। ୨୦୧୮ରେ ବ୍ଲକରେ ଏକ ଏନଜିଓ ଦ୍ୱାରା ଜଳବାୟୁ ସହନୀ ଚାଷ, ଜ୍ଞାନ କୌଶଳ, ପ୍ରାକୃତିକ ସମ୍ବଳ ବିନିଯୋଗ, ଜୈବିକ ପଦ୍ଧତିରେ ଚାଷର ଉପାୟ ଶିଖିଥିଲେ। ଏହା ପରେ ପ୍ରଥମେ ଘରବାଡି ୨୦ ଡେସିମିଲ ଜାଗାରେ ଜୈବିକ ଖତ ସାରରେ ପନିପରିବା ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ ଜୀଆଖତ, ହାଣ୍ଡିଖତ, ଜୀବାମୃତ, ବୀଜାମୃତ ଇତ୍ୟାଦିକୁ ବ୍ୟବହାର କରି ସଫଳ ହୋଇଥିଲେ। ସେବେଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ନିଜେ ଶିଖିବା ସହ ଅନ୍ୟ ଚାଷୀମାନଙ୍କୁ ଶିଖେଇବା ପାଇଁ ନିଜ ବାଡିରେ 'ଚାଷୀ ପାଠଶାଳା' ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ହଜାରେରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଜୈବିକ ଖତ ସାର ପ୍ରସ୍ତୁତି ପଦ୍ଧତି ଓ ବ୍ୟବହାର ସମ୍ପର୍କରେ ଶିକ୍ଷା ଦେଇଛନ୍ତି। ଏହା ବ୍ୟତିତ ଓଡିଶା ଜୀବନ ଜୀବିକା ମିଶନ, ମିଶନ ଶକ୍ତି, ଓରମାସ ସହଯୋଗରେ ୨୦୨୧ରୁ ୨୪ଜଣ ଆଗ୍ରହୀ ମହିଳା ଚାଷୀଙ୍କୁ ନେଇ ଉତ୍ପାଦକ ଦଳ ଗଠନ କରି ଜୀଆଖତ, ବ୍ରାହ୍ମସ୍ତ୍ର, ନିମାସ୍ତ୍ର, ମାଛ ଟନିକ, ଅଣ୍ଡା ଟନିକ, ଅଗ୍ନେୟାସ୍ତ୍ର, ଜୀବାମୃତ, ବୀଜାମୃତ ଭଳି ଅନେକ ଖତ ସାର ଔଷଧ ତିଆରି କରି ବିକ୍ରି ଆରମ୍ଭ କରିଛନ୍ତି। ବର୍ତ୍ତମାନ ତାଙ୍କର ୨୦ ଡେସିମିଲ ଘରବାଡିରେ ଅନେକଗୁଡିଏ ଚାଷର ମଡେଲ ସହ ୨୬୦ ପ୍ରକାର ଫୁଲ, ଫଳ, ଔଷଧୀୟ ବୃକ୍ଷ ଦେଖିବାକୁ ମିଳୁଛି। ତାଙ୍କରୀ ଏଭଳି ମହତ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

## ବିଭିନ୍ନ ମାମଲାରେ ୫ କୋର୍ଟ ଚାଲାଣ

ଖଡ଼ିଆଳ,୨୫।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥାଇ ୱାରେଣ୍ଟ ଥିବା ୫ଜଣଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଟିକେରାମ ବେହେରା ଗ୍ରାମ ଚନାବେଡା ୨୦୧୪ରେ ମଦ ମାମଲାରେ ଜଡିତ ଥିବା ବେଳେ ତାଙ୍କ ନାମରେ ୫୩୬/୧୪ ମାମଲା ରୁଜୁ ହୋଇଥିଲା। ସେ ଲୁଚି ବୁଲୁଥିଲେ। ସେହି ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଘରଧରା ଗ୍ରାମର ୪ଜଣ ବ୍ୟକ୍ତି ଯୁକ୍ତି ଲୁହାର, ମୋତି ଲୁହାର, ବାଇଚନ ଲୁହାର ଓ ଆସମତି ଲୁହାର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା, ସମ୍ପତ୍ତି ନଷ୍ଟ ଓ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ସେହି କେଶ ନମ୍ବର ୨୩୪/୨୨ ମାମଲା ରୁଜୁ ହୋଇଥିବା ବେଳେ ଏହି ୪ଜଣ ପୋଲିସକୁ ଧରା ଦେଉ ନ ଥିଲେ। ଏହି ୫ଜଣ ବ୍ୟକ୍ତିଙ୍କ ନାମରେ ପୋଲିସ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ଓ ଏସ ଆଇ ତାରକାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ମସିଗାଁ ଗ୍ରାମବାସୀ ତହସିଲଦାରଙ୍କଠାରେ ଫେରାଦ

ଜୁନାଗଡ,୨୫।୮(ଡି.ଏନ.ଏ.)

**ବନ୍ୟାରେ କ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଦାବି**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାତୀନଦୀରେ ବନ୍ୟା ଆସିବା ଯୋଗୁ ନଦୀକଳୂରେ ଥିବା ଚାଷଜମିଗୁଡିକୁ ପାଣି ମାଡିଯାଇ ସେଠାକାର ଫସଲ ନଷ୍ଟ ହୋଇଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ଲକର ତଳମଲା ପଞ୍ଚାୟତ ମସିଗାଁ ଗ୍ରାମରେ। ଏଠାରେ ମଧ୍ୟ ବନ୍ୟା ପାଣି ମାଡିଯାଇ ଅନେକ ଲୋକଙ୍କ ଚାଷ ଜମିର ଫସଲ ଉଜୁଡିଯାଇଛି। ଚଳିତବର୍ଷ ଏଠାକାର ଚାଷୀମାନେ ଧାରକରଜ ଆଣି ଧାନ ଚାଷ କରିଥିଲେ। ଏଥିରେ କେତେକ ଚାଷୀ ଧାନ ବୁଣିଥିବାବେଳେ ଆଉ କେତେକ ଚାଷୀ ରୁଆ ଧାନ କରିଥିଲେ। ହେଲେ ହାତୀ ନଦୀରେ ଗତ ମାସକ ମଧ୍ୟରେ ୩ଥର ବନ୍ୟା ଆସି ଏହି ଅଞ୍ଚଳରେ ଥିବା ଚାଷଜମିକୁ ବନ୍ୟା ପାଣି ମାଡିଯାଇଥିଲା। ଫଳରେ ସେଠାରେ ଚାଷ ହୋଇଥିବା ଧାନ ଫସଲ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବନ୍ୟାରେ କ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଯୋଗାଇ ଦେବା ଦାବି ନେଇ ବୁଧବାର ମସିଗାଁ ଗ୍ରାମବାସୀ ଜୁନାଗଡ ତହସିଲଦାରଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି।


ବନ୍ୟା ଯୋଗୁ ଧାନ ଫସଲ ନଷ୍ଟ ହୋଇଯାଇଛି।

## ନୂଆଁଖାଇ ପରଦିନକୁ ସରକାରୀ ଛୁଟି ଘୋଷଣା କରାଯାଉ

ନୂଆପଡ଼ା ଅଫିସ,୨୫।୮

ନୂଆଁଖାଇ ପର ଦିନକୁ ସରକାରୀ ଛୁଟି ଘୋଷଣା କରାଯାଉ ବୋଲି ନୂଆପଡା ସଦର ମହକୁମାସ୍ଥିତ ଭରଦ୍ୱାଜ ମଣ୍ଡପ ପରିସରରେ ଗୁରୁବାର ନୂଆପଡା କୋଶଲ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା ସଭାପତି ସାଗର ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ଆବାହକ ସିପୁନ ଖମାରୀ, ଜିଲା ଆବାହକ ଶାହାରୁଖ ଖାନ, କଳାହାଣ୍ଡି ଜିଲା ଆବାହକ ନୂତନ ଗୋଖରିଆ, ଜିଲା ସଂଯୋଜକ ଜୟଦେବ ମାଝି, ଭବାନୀ ଶଙ୍କର ପଣ୍ଡା, ପ୍ରତୀକ ମେହେର, ଗୋପାଳ କୁମ୍ଭାର, ନରେନ୍ଦ୍ର ନାଗ, ବିରାଟ ତାଣ୍ଡି, ବୁଲୁ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମ ଓଡିଶାର ଗଣପର୍ବ, ଭାଇଚାରା ଓ ମିଳନର ପର୍ବ ନୂଆଁଖାଇ ପାଇଁ ଗୋଟିଏ ଦିନ ସରକାରୀ ଛୁଟି ରହୁଥିବାରୁ ପରବର୍ତ୍ତୀ ଦିନକୁ ମଧ୍ୟ ଛୁଟି ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି। ନୂଆଁଖାଇ ପର୍ବ ଦୁଇ ଦିନ ଧରି ପାଳନ ହୋଇଥାଏ। ଗୋଟିଏ ଦିନ ନୂଆଁଖାଇ ଓ ଅନ୍ୟ ଦିନ ନୂଆଁଖାଇ ଜୁହାର ଭେଟ ବା ପରସ୍ପର ମଧ୍ୟରେ ମିଳନ ହୋଇଥାଏ। ତେଣୁ ଏହି ପର୍ବକୁ ମିଳନର ପର୍ବ ବୋଲି ମଧ୍ୟ କହିଥାନ୍ତି। ସେହି ଦିନରେ ବଡମାନଙ୍କୁ ମୁଣ୍ଡିଆ ମାରିବା ସହିତ ସାନମାନଙ୍କୁ ସ୍ନେହ ଆଦର କରିଥାନ୍ତି। ତେଣୁ ସରକାରୀ ଚାକିରୀ କରୁଥିବା କର୍ମଚାରୀଙ୍କ ଛୁଟି ଗୋଟିଏ ଦିନ ରହୁଥିବାରୁ ମିଳନ ପର୍ବରେ ସାମିଲ ହୋଇ ପାରୁନାହାନ୍ତି। ଏଥିପାଇଁ ନୂଆଁଖାଇର ଅନ୍ୟ ଦିନକୁ ସରକାରୀ ଛୁଟି ଘୋଷଣା କରିବା ପାଇଁ କୋଶଲ ମୁକ୍ତି ମୋର୍ଚ୍ଚ ପକ୍ଷରୁ ଦାବି କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ସିବିଆଇ ତଦନ୍ତ ଦାବିରେ ଥାନା ଘେରାଉ

ଗୋଲାମୁଣ୍ଡା,୨୫।୮(ଡି.ଏନ.ଏ.)


ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**କନକ ନିଆଲ ହତ୍ୟା ଘଟଣା**

- ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା, ମହିଳା ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ

କଳହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଘୋଟିଆ ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ କନକ ନିଆଲ ହତ୍ୟା ଘଟଣାରେ ପୂର୍ବରୁ ଯୁବ କଂଗ୍ରେସ, ତ୍ୱମ୍ୱ ସମାଜ ଓ ବହୁଜନ ଛାତ୍ର ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ଏହି ଘଟଣାରେ ପୋଲିସ ୩୦୬ ଦଫାରେ ଜଣଙ୍କୁ ଗତ ୨୨ ତାରିଖରେ କୋର୍ଟ ଚଲାଣ କରିଛି। କିନ୍ତୁ ଏହି ଘଟଣାରେ ଅନେକ ଦୋଷୀ ଅଛନ୍ତି ଓ ଏହାର ସିବିଆଇ ତଦନ୍ତ ତଥା କ୍ଷତିପୂରଣ ଦାବିରେ ଗୁରୁବାର କଳାହାଣ୍ଡି ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା ଗୋଲାମୁଣ୍ଡା ଥାନା ଘେରାଉ କରିବା ସହ ଏକ ପ୍ରତିବାଦ ସଭା କରିଛି। ଏହି ଅବସରରେ ଉପସ୍ଥିତ ନେତାମାନେ ବର୍ତ୍ତମାନ ଓଡ଼ିଶାରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢି ଚାଲିଛି। ନବୀନ ସରକାର ଏହି ସବୁକୁ ରୋକିବାରେ ବିଫଳ ହେବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି ବୋଲି କହିଥିଲେ। ଏହି ଘଟଣାରେ ଜଡ଼ିତ ସମସ୍ତ ଦୋଷୀଙ୍କୁ ଗିରଫ ଓ ସିବିଆଇ ତଦନ୍ତ ତଥା କ୍ଷତିପୂରଣ ଦାବିରେ କଳାହାଣ୍ଡି ଏସପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଥାନାରେ ଉପସ୍ଥିତ ଥିବା ଧର୍ମଗଡ଼ ଏସ୍‌ଡିପିଓ ଧୀରଜ ଚୋପଦାରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଗଣେଶ କୁମ୍ଭାରଙ୍କ ସଭାପତିତ୍ୱରେ ଭାଜପା ରାଜ୍ୟ କିଷାନ ମୋର୍ଚ୍ଚା ସତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅପ୍ରେସ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ପୂର୍ବତନ ସମ୍ପାଦକ ରୂପେଶ ଜୈନ, ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ପଣ୍ଡା, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବୃଷଭ ନାଏକ, ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସମୀର ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୂପମା ନାଏକ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା କୁନ୍ତି ପାଲ, ଶୋଭାଙ୍ଗିନୀ ପାତ୍ର, କେଶରୀ ବାଗଙ୍କ ସମେତ ଅନେକ ସଂଖ୍ୟାରେ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଘେରାଉ ସମୟରେ ମୃତ ଛାତ୍ରୀଙ୍କ ପରିବାର ଲୋକ ମଧ୍ୟ ଉପସ୍ଥିତ ଥିଲେ।

## ହାଇଜେନିକ୍ କିଟ୍ ବଣ୍ଟନ

ସୋହେଲା,(ଡି.ଏନ.ଏ.): ବରଗଡ଼ ଜିଲା ସୋହେଲା ମହାବିଦ୍ୟାଳୟର ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ହାଇଜେନିକ କିଟ୍ ବଣ୍ଟନ କରାଯାଇଛି। ଜିଲା ରେଡକ୍ରସ ସଂଯୋଜକ ପରମାନନ୍ଦ ରଥଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସୋହେଲା ମହାବିଦ୍ୟାଳୟର ରେଡକ୍ରସ୍ କାଉନସେଲର ଅଧାପକ ପ୍ରତାପ ଚନ୍ଦ୍ର ମିଶ୍ର, ବରପାଲିର ଜଗବନ୍ଧୁ ଦାଶ, ଯତୀନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ତୁଷାର ଗଡ଼ତିଆ, ରାମଗୋପାଳ ପାଣିଗ୍ରାହୀ, କ୍ଷୀରୋଦ୍ର ବାରିକ, ଲକ୍ଷ୍ମଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବଘିଆପଡ଼ା ପିଇଓ ନିଲମ୍ବିତ

ବୌଦ୍ଧ,୨୫।୮(ସ୍ୱ.ପ୍ର.): ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁପ୍ରସାଦ କ୍ଷେତିଙ୍କୁ ଗତ ବୁଧବାର ଦିନ ଜିଲାପାଳ ସତ୍ୟ ରଞ୍ଜନ ସାହୁ ନିଲମ୍ବିତ କରିଛନ୍ତି। ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟରେ ଅବହେଳା କରିବା ଅଭିଯୋଗରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ନିଲମ୍ବନ ସମୟରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜିରା ଦେବେ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

### ପ୍ରଧାନଶିକ୍ଷକଙ୍କ ବିୟୋଗ

ବରଗଡ଼ ଅଫିସ୍,୨୫।୮: ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବିଛୁଆଁ ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁଦେବ ଖମାରୀଙ୍କ ଗୁରୁବାର ଆକସ୍ମିକ ବିୟୋଗ ହୋଇଛି। ଭୋର୍ ୫ଟାରେ ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ୧୯୯୨ରୁ ଉକ୍ତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ନିଜ ଗ୍ରାମ ତିଲେଇମାଲରେ ଖମାରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି ।

### ସାମାଜିକ ସଙ୍ଗଠକଙ୍କ ପରଲୋକ



ବରଗଡ଼ ଅଫିସ୍,୨୫।୮: ବରଗଡ଼ ଜିଲାର ସାମାଜିକ ସଙ୍ଗଠକ ଇଂ. ଦେବବ୍ରତ ମିଶ୍ରଙ୍କ ବୁଧବାର ରାତି ୨ଟା ୪୫ମିନିଟ୍‌ରେ ହାଇଦ୍ରାବାଦ୍‌ର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୫୪ବର୍ଷ ହୋଇଥିଲା। ମୃତ୍ୟୁ ଖବର ପ୍ରଚାର ହେବା ପରେ ଜିଲାବ୍ୟାପୀ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମିଶ୍ର ବହୁ ସାମାଜିକ, ସାଂସ୍କୃତିକ, ରାଜନୈତିକ ଅନୁଷ୍ଠାନରେ ଜଡ଼ିତ ଥିଲେ। ଫାଇଟ୍ ଅନ୍ ରାଇଟ୍ (ଫର୍) ଅନୁଷ୍ଠାନ ଗଠନ କରି ସେ ସବୁବେଳେ ଜିଲାବାସୀଙ୍କ ହକ୍ ପାଇଁ ଲଢ଼ି ଆସୁଥିଲେ। ଲୋକଙ୍କୁ ନେଇ ଚାଷୀ ସମସ୍ୟା, ବେଆଇନ୍ ଟୋଲଟ୍ୟାକ୍ସ ଆଦାୟ, ଧାନ କିଣାବିକା ଜାଲିଆତି ନେଇ ସେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାସହିତ ରକ୍ତଦାନ ଶିବିର ଆୟୋଜନରେ ତାଙ୍କ ପ୍ରମୁଖ ଭୂମିକା ରହିଥିଲା। ସେ ଘରୋଇ ବସ୍ ମାଲିକ ସଂଘର ଉପଦେଷ୍ଟା ଥିଲେ। ଜଣେ ଶ୍ରମିକ ନେତା ଭାବେ ସିମେଣ୍ଟ କାରଖାନା, ଇଥାନଲ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକଙ୍କ ହକ୍ ପାଇଁ ମଧ୍ୟ ସେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ତାଙ୍କ ପରଲୋକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦୀପ ଦେବତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ୫ ଦଫା ଦାବି ନେଇ ବିକ୍ଷୋଭ

**ଜାତିପ୍ରଥା ଓ ଛୁଆଁ ଅଛୁଆଁ ଭେଦଭାବ ଦୂର ପାଇଁ ଦାବି**

ବୌଦ୍ଧ,୨୫।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ପାଣଗଣ୍ଡା ବିକାଶ ପରିଷଦ ପକ୍ଷରୁ ଗୁରୁବାର ଦିନ ଜିଲାରୁ ଜାତିପ୍ରଥା ଓ ଛୁଆଁ ଅଛୁଆଁ ଭେଦଭାବ ସମ୍ପୂର୍ଣ୍ଣ ଦୂର କରିବା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲାପାଳଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ପାଣଗଣ୍ଡା ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଆଜି ମଧ୍ୟ ବୌଦ୍ଧ ଜିଲାରେ କଳଙ୍କିତ ଜାତିପ୍ରଥା ଏବଂ ଛୁଆଁ ଅଛୁଆଁ ଭେଦଭାବ ଉଗ୍ରରୂପ ଧାରଣ କରିଛି । ଜିଲାର ଅନୁସୂଚିତ ଜାତିର ଲୋକମାନେ ପ୍ରତିଦିନ ଶିକ୍ଷାନୁଷ୍ଠାନ , ବିଭିନ୍ନ ଦେବାଳୟ, ହୋଟେଲ, ସେଲୁନ ଓ ଦୋକାନ ବଜାରରେ ଅକଥନୀୟ ଭାବରେ ଛୁଆଁ ଅଛୁଆଁ ଭେଦଭାବର ଶିକାର ହେଉଛନ୍ତି । ଯଥାଶୀଘ୍ର ଏପରି ମନୋଭାବ ଦୂର ପାଇଁ ପ୍ରତିକାର କରାଯିବାକୁ ଦାବି କରାଯାଇଛି । ଏହି ଅବସରରେ ଦିଆଯାଇଥିବା ଦାବିପତ୍ରରେ ରାଜସ୍ଥାନର କଲୋର ଜିଲାର ୯ ବର୍ଷର ଦଳିତ ଛାତ୍ରଙ୍କୁ ଶିକ୍ଷକ ପିଟି ପିଟି ମାରିବା ଘଟଣାରେ ଛାତ୍ରଙ୍କ ପରିବାରକୁ ଏକ କୋଟିର କ୍ଷତିପୂରଣ ପ୍ରଦାନ, କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଜଣେ ଦଳିତ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁର ସିବିଆଇ ତଦନ୍ତ, ବୌଦ୍ଧ ଜିଲାରୁ ଜାତିପ୍ରଥା ଓ ଛୁଆଁ ଅଛୁଆଁ ଭେଦଭାବ ଦୂର, ଜିଲାରେ ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଦଳିତ ପାଚିକା ଓ ସହାୟିକା ତୁରନ୍ତ ନିଯୁକ୍ତି କରିବା ଓ ଜିଲାର ସମସ୍ତ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟରେ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଡକରଙ୍କ ତୈଳ ଫଟୋଚିତ୍ର ଟଙ୍ଗାଯିବା ଉଲ୍ଲେଖ ରହିଛି । ଏହି ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । କର୍ମକର୍ତ୍ତାମାନେ ଦାବିପତ୍ର ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କୁ ପ୍ରଦାନ କରିଥିଲେ । ଦାବି ପତ୍ର ପ୍ରଦାନ ସମୟରେ ବିକାଶ ପରିଷଦର ସଭାପତି ବଟକୃଷ୍ଣ ପ୍ରଧାନ, ସଂପାଦକ ସୁଧାଂଶୁ ଡାଙ୍ଗ, ଉପସଭାପତି ମକରଧ୍ୱଜ ମହାନନ୍ଦିଆ, ବସନ୍ତ ଖୁରା, ରୋହିତ କହଁର, କୋଷାଧ୍ୟକ୍ଷ ରାମଚନ୍ଦ୍ର ତାଣ୍ଡି, କହ୍ନେଇ ବାଦୀ, ଶ୍ରୀନିବାସ ହାତୀ, ଦେବଦତ୍ତ ସାଗର , ପଙ୍କଜ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ ।




ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ କରାଯାଉଛି ।

## କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

ପାଇକମାଲ,୨୫।୮(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଲ ଯମୁନା କନ୍ଧୁଣୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବରଗଡ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡାମଣି ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶ୍ରେଷ୍ଠ ୮ଛାତ୍ରୀଙ୍କୁ ବିଦ୍ୟାଳୟ 'ସାଇନିଂ ଷ୍ଟାର' ବ୍ୟାଜ୍ ପ୍ରଦାନ କରାଯାଇଥିଲା। ଏହାସହିତ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ୯୦ ଶତକଡାରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀ ତେଜସ୍ୱିନୀ ଦାସ, ତ୍ରିବେଣୀ ସୋନୀଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନିମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷୟତ୍ରୀ, ଶିକ୍ଷକ, ଛାତ୍ରୀ, ଅଭିଭାବକମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଜଳ ପରିମଳ ପ୍ରଶିକ୍ଷଣ ଶିବିର

ଜାମଟିକ୍ରା,୨୫।୮(ଡି.ଏନ.ଏ.)

ଅତାବିରା ବ୍ଲକ ଅମଲିପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ସରପଞ୍ଚ ସୁନନ୍ଦା ବିଶ୍ୱାଳଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ଜଳ ପରିମଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲା ଜଳ ପରୀକ୍ଷାଗାରର ପରୀକ୍ଷକ ଗୋପାଳ ବାରିକ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ଏମ୍‌ବିକେ ମନ୍ଦାକିନୀ କରାଲି, ସିଆର୍‌ପି ଲୀଳାବତୀ ମହାକୁର, ଲୋଚନା ବାଗ, କୁଞ୍ଜଲତା ବିଭାର, ଦୀପାଞ୍ଜଳି ପ୍ରଧାନ, ଖେଲାବତୀ ମଲ୍ଲିକ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦାନ କରିଥିଲେ। ନାଏବ ସରପଞ୍ଚ ଭୋଜରାଜ ନାଏକ ଓ ଯୁବ ସଙ୍ଗଠକ କୁନୁ ବିଶ୍ୱାଳ ସହଯୋଗ କରିଥିଲେ।

# ଚୋରି ଘଟଣାରେ ୩ ଗିରଫ

ବରଗଡ଼ ଅଫିସ୍,୨୫।୮

ବରଗଡ଼ ଜିଲା ଭଟଲି ଥାନା ପୋଲିସ ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ୩ ପେଶାଦାର ଚୋରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭଟଲି ଥାନା ବଡ଼ମାଲ ଗ୍ରାମର ସତ୍ୟନାରାୟଣ ଉର୍ମା(୪୬), ଅଲେଖ ଗୁଆଲ(୪୦) ଏବଂ ନାରାୟଣ ନାଏକ(୨୧)। ସେମାନଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୧୫୨/୨୨) ରୁଜୁ ହୋଇଛି। ସେମାନଙ୍କ ପାଖରୁ ୨ଟି ଗ୍ୟାସ ସିଲିଣ୍ଡର, ୩ଟି ପଙ୍ଖା, ବିପୁଳ ପରିମାଣର କେବୁଲ୍ ତାର, ଗୋଟିଏ ହିରୋହୋଣ୍ଡା ଏଚ୍‌ଏଫ୍ ଡିଲକ୍ସ ବାଇକ (ନଂ.ସିଜି୦୪ସିଏମ୍/୨୬୧୯), ଗୋଟିଏ ପ୍ଲାଟିନା (ନଂ.ସିଜି୧୩ୟୁବି/୬୮୨୯) ଏବଂ ଗୋଟିଏ ବଜାଜ୍ ଡିସକଭର୍ ବାଇକ୍ (ନଂ.ଓଡ଼ି୧୭/୯୦୩୯)କୁ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ।

ପ୍ରକାଶ ଯେ, ଗତ ୨୩ତାରିଖ ବିଳମ୍ବିତ ରାତିରେ ଅତାବିରା ଥାନା ପୋଲିସ ହାତରେ ଏକ ଚୋର ଗ୍ୟାଙ୍ଗ୍ ଧରାପଡ଼ିଥିଲେ। ସେହି ଗ୍ୟାଙ୍ଗ୍‌ର ବଡ଼ମାଲ ନିବାସୀ ଲାଡୁ ଓରଫ ବୁଦ୍ଧଦେବ ଓରଫ ବିକାଶ ନାଏକଙ୍କୁ ପୋଲିସ ଜେରା କରିବା ପରେ ପୂର୍ବରୁ ଭଟଲି ଥାନା ଅଞ୍ଚଳରେ ସଂଘଟିତ ଅନେକ ଚୋରି ମାମଲାରେ ତାଙ୍କର ଏବଂ ଗିରଫ ସମସ୍ତ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସ୍ୱୀକାର କରିଥିଲେ। ଏହାପରେ ଭଟଲି ପୋଲିସ ଉକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ଗତ ବର୍ଷ ଜୁନ୍ ମାସରେ ଲକ୍‌ଡାଉନ ସମୟରେ ରୁନିପାଲି ସରକାରୀ ସ୍କୁଲରୁ ୨ଟି ଗ୍ୟାସ୍ ସିଲିଣ୍ଡର, ଚୁଲା, ୪ଟି ସିଲିଂ ଫ୍ୟାନ୍, ପଙ୍ଖା, ଅନ୍ୟ ଆସବାବପତ୍ର, ଗତ ମାର୍ଚ୍ଚ ମାସରେ ନୀଳଜି ସ୍କୁଲରୁ ୧୦ଟି ପଙ୍ଖା, ଏଲ୍‌ଇଡ଼ି ବଲ୍‌ବ, ମେ ୨ତାରିଖରେ ରସାଲି, ନୂଆପାଲିରେ ଲାଗିଥିବା ନୂଆ ବିଦ୍ୟୁତ ତାର, ଟ୍ରାନ୍ସଫର୍ମର ଆଦି ଚୋରି କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଏହା ପୂର୍ବରୁ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଅନେକ ମାମଲା ରହିଛି ।



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

# ମାତାପିତାଙ୍କ ଆଶୀର୍ବାଦ ସଫଳତାର ମାର୍ଗ



କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର କର୍ମଚାରୀ, ଛାତ୍ରୀଛାତ୍ରବୃନ୍ଦ ।

ବରଗଡ଼ ଅଫିସ୍,୨୫।୮

ବରଗଡ଼ର ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଦାସରୀ ବୀର ରାଜୁ ଏବଂ ଗୁନ୍ନମ ରାମଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟର ୧୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ୟାରେଣ୍ଟ୍ସ ବ୍ଲେସିଂସ୍-ଏସେନ୍ସ ଅଫ୍ ଲାଇଫ୍ ଶୀର୍ଷକ ମେମୋରିଆଲ ଟକ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶ୍ରବଣ କୁମାରଙ୍କ ଭଳି ଏକ ଆଦର୍ଶ ସନ୍ତାନ ଭାବେ ମାତାପିତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ସହସ୍ରାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ବିକାଶ ଶିକ୍ଷାନୁଷ୍ଠାନର ଅବଦାନକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମାତାପିତାଙ୍କ ଆଶୀର୍ବାଦ ହିଁ ସଫଳତାର ମାର୍ଗ ବୋଲି ବ୍ୟକ୍ତ କରିବା ସହିତ ନିଜର ମାତାପିତାଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ଚଳିତବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ କୃତୀ ଛାତ୍ରୀଙ୍କ ସଫଳତାକୁ ସେ ପ୍ରଶଂସା କରିଥିଲେ। ଡାଇରେକ୍ଟର(ଏକାଡ଼େମିକ୍ସ) ଜି. ରାମକ୍ରିଷ୍ଣା ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇବା ସହିତ ମାତାପିତାଙ୍କ ଆଶାକୁ ଚରିତାର୍ଥ କରିବା ପାଇଁ ଚିର ଚେଷ୍ଟିତ ରହିବାକୁ ପରାମର୍ଶ ଦେଇଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଛାତ୍ରୀଛାତ୍ରଙ୍କୁ ସଦାସର୍ବଦା ମାତାପିତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଭାବ ରଖିବା ସହିତ ଜଟିଳ ସମୟରେ ଉଚିତ୍ ମାର୍ଗଦର୍ଶନ ପାଇଁ ମାତାପିତାଙ୍କ ପରାମର୍ଶ ନେବା ପାଇଁ ମତବ୍ୟକ୍ତ କରିଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଓ ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଥିଲେ। ବିକାଶ 'ଲ' ସ୍କୁଲର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ୱାଇ.ଡ଼ି ଷ୍ଟେଲା ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ୍. କାନ୍ତାରାଓ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଭି.ଏସ.ଏସ.ୟୁ.ଟି, ବୁର୍ଲାରୁ ପିଏଚ୍‌ଡି ଲାଭ କରିଥିବା ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡଃ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କୁ ବିକାଶ ପରିଚାଳନା କମିଟିର ସଦସ୍ୟ ଡି. ପ୍ରତାପ ସମ୍ମାନିତ କରିଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର୍.ଏସ୍. ଭି କ୍ରିଷ୍ଣା ଓ ନର୍ସିଂ କଲେଜର ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଡିଓଙ୍କୁ ଠିକା କର୍ମଚାରୀଙ୍କ ଦାବିପତ୍ର

ଡୁଙ୍ଗୁରିପାଲି, ୨୫।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ ସହ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତରେ ସେମାନେ ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ୬ ବର୍ଷ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ, ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟ ଅବଧିକୁ ଚାକିରିର ମୂଳ ସମୟ ସହିତ ସଂଯୋଗ କରାଯାଉ ଉଲ୍ଲେଖ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ନାୟକ, ଦୁର୍ଲ୍ଲଭ ପଧାନ, ଅଙ୍ଗଦ ମହାନନ୍ଦ, ବୀରେନ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ

ବରଗଡ଼ ଅଫିସ୍,୨୫।୮

ବରଗଡ଼ରେ ଗୁରୁବାର ଜିଲାସ୍ତରୀୟ ୩୭ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଆରମ୍ଭ ହୋଇଛି । ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ଏବଂ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ବିଭୁତି ଭୂଷଣ ମେହେର ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଆସନ୍ତା ସେପ୍ଟେମ୍ବର ୮ତାରିଖ ପର୍ଯ୍ୟନ୍ତ ଚକ୍ଷୁଦାନ ପକ୍ଷ ପାଳନ କରାଯିବ ଏବଂ ସବୁ ବର୍ଗର ଲୋକେ ଚକ୍ଷୁଦାନ ପାଇଁ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଡା. ରଞ୍ଜନ ଭୋଇ, ଡିପିଏମ୍ ରାଜକୁମାର ଗୁପ୍ତା, ଡିପିଏଚ୍‌ସିଓ ପ୍ରତାପ ଦାଶ ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।

# ଅତାବିରାରେ ମହଙ୍ଗାଇ ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ସରଣ୍ଡା/ଅତାବିରା/ଜାମଟିକ୍ରା, ୨୫।୮(ଡି.ଏନ.ଏ.)

ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ନେତୃତ୍ୱରେ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଗୋଡ଼ଭଗା ଛକ ଓ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଗୁରୁବାର ମହଙ୍ଗାଇ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତାବିରା ବ୍ଲକ କଂଗ୍ରେସ ସଭାପତି ଦୟାସାଗର ମଣ୍ଡଳୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଉପସ୍ଥିତ ଦଳର ବହୁ ବରିଷ୍ଠ ନେତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ଯୋଗୁ ଆଜି ସମଗ୍ର ଦେଶରେ ଅହେତୁକ ଦରବୃଦ୍ଧି ଘଟୁଛି ବୋଲି କହିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଖାଉଟି ସାମଗ୍ରୀ, ରନ୍ଧନ ଗ୍ୟାସ, କିରୋସିନ, ପେଟ୍ରୋଲ, ଡିଜେଲର ଦରଦାମ ସାଙ୍ଗକୁ ବେକାରୀ ସମସ୍ୟା ବୃଦ୍ଧି ଯୋଗୁ ସମାଜରେ ଯୁବପିଢ଼ି ଆଜି ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହିସବୁ ବିଷୟ ବ୍ଲକ କଂଗ୍ରେସ ପକ୍ଷରୁ ମହଙ୍ଗାଇ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ମାଧମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଦୁର୍ଗା ପାଢ଼ୀ, ରବିନାରାୟଣ ପଣ୍ଡା, ପାଣ୍ଡବ କର୍ଣ୍ଣ, ଉନ୍ନି ନାୟର, କେ.ପି. ଶ୍ରୀନିବାସ, ପ୍ରତାପ ଚନ୍ଦ୍ର ନାୟକ, ପ୍ରଦୀପ ପ୍ରଧାନ, ଅବିନାଶ ପ୍ରଧାନ, ଜିତୁ ଭୋଇ, ଦୀପକ ରାୟ, କୁନୁ ମହାପାତ୍ର, ଅନିରୁଦ୍ଧ ଖମାରୀ, ଆଜାଦ ପତି, ଉମାଶଙ୍କର ଭୋସାଗର, ରମଣି ଦନ୍ତା, ସୌମ୍ୟକାନ୍ତ ଦାଶ, ନିତିଶ ସୁନା, ସରୋଜ ନାଏକ, ବିକାଶ ସୁରୁଜାଲ, ରମେଶ ପାଣ୍ଡିଆ, ଶତ୍ରୁଘ୍ନ ଭୋଏ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ଡିଭିଜନ ସ୍ତରକୁ ୬୦ମନୋନୀତ

ଅମରପାଲି,୨୫।୮(ଡି.ଏନ.ଏ.)



ବ୍ଲକସ୍ତରୀୟ କ୍ରୀଡାର ଉଦଗାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ଖେଳାଳି।

- ଜାତୀୟ କ୍ରୀଡା ପାଇଁ ବ୍ଲକସ୍ତରୀୟ ଖେଳାଳି ଚୟନ
- ଅଂଶଗ୍ରହଣ କଲେ ୧୫୫ କ୍ରୀଡାବିତ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ଇନ୍ଦିରା ଗାନ୍ଧୀ ହାଇସ୍କୁଲରେ ଜାତୀୟ କ୍ରୀଡା ଉତ୍ସବ ପାଇଁ ବ୍ଲକସ୍ତରୀୟ ଖେଳାଳି ଚୟନ ହୋଇଯାଇଛି। ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ଅଖୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି ଏବଂ ଗେମ ଏଣ୍ଡ ସ୍ପୋର୍ଟ୍ସ ବ୍ଲକ ସମ୍ପାଦକ ବ୍ରଜଗୋପାଳ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। କ୍ରୀଡା ପ୍ରତିଯୋଗୀତା ଆରମ୍ଭ ପୂର୍ବରୁ କ୍ରୀଡା ପତାକା ଉତ୍ତୋଳନ କରାଯାଇ ଥିଲା। ୧୭ବର୍ଷରୁ କମ୍ ଓ ୧୪ବର୍ଷରୁ କମ୍ ଉଭୟ ବର୍ଗର ପାଇଁ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା କରାଯାଇଥିଲା। ଏଥିରେ ଜୁନିଅର ଓ ସିନିଅର ବର୍ଗର ସମୁଦାୟ ୧୫୫ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ବ୍ଲକର ସମସ୍ତ ସ୍କୁଲସ୍ତରରୁ ଚୟନ ହୋଇ ୮୫ ବାଳକ ଓ ୭୦ ବାଳିକା ବ୍ଲକସ୍ତରୀୟ କ୍ରୀଡା ପାଇଁ ଚୟନ ହୋଇ ଅଂଶଗ୍ରହଣ କରିଥିଲେ। ୧୭ବର୍ଷରୁ କମ ବର୍ଗ ପାଇଁ କବାଡି ଓ ଖୋ ଖୋ ଏବଂ ୧୪ ବର୍ଷରୁ କମ ବର୍ଗ ପାଇଁ ଲମ୍ବଡିଆଁ, ୧୦୦ମିଟର ଦୌଡ ଓ ୪୦୦ମିଟର ଦୌଡ ପ୍ରତିଯୋଗିତା ହୋଇଥିଲା। ଉଭୟ ବର୍ଗର ବାଳିକା ଓ ବାଳକ ମଧ୍ୟରୁ ସମୁଦାୟ ୬୦ଖେଳାଳ ସବ୍‌ଡିଭିଜନସ୍ତରୀୟ ଖେଳାଳି ଚୟନ ଶିବିରକୁ ମନୋନୀତ ହୋଇଛନ୍ତି। ଉକ୍ତ ଖେଳାଳିମାନେ ଶୁକ୍ରବାର ଉଲୁଣ୍ଡା ବ୍ଲକ ଧର୍ମଶାଳା ୫ଟି ହାଇସ୍କୁଲରେ ହେବାକୁ ଥିବା ସବ୍‌ଡିଭିଜନସ୍ତରୀୟ କ୍ରୀଡାରେ ଅଂଶଗ୍ରହଣ କରିବେ। ସମସ୍ତ ଖେଳକୁ ଖେଳ ଶିକ୍ଷକ ଉପେନ୍ଦ୍ର ସାହୁ, କହ୍ନେଇ ଚରଣ ପ୍ରଧାନ, ରଞ୍ଜିତ ପଧାନ, ପରମେଶ୍ୱର ପଣ୍ଡାଙ୍କ ସମେତ ବିଭିନ୍ନ ସ୍କୁଲର ଖେଳ ଶିକ୍ଷକମାନେ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଅଖୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କମିରା ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦିଲୀପ କୁମାର ଚାନ୍ଦ, ଯୁବରାଜପୁର ସ୍କୁଲ ପ୍ରଧାନଶିକ୍ଷକ ରାଜେଶ ମେଣ୍ଡିଲି, କାର୍ତ୍ତିକ ମଲ୍ଲିକ ଅତିଥିଭାବେ ଯୋଗଦେଇଥିଲେ। ଖଣ୍ଡହତା ହାଇସ୍କୁଲ ଖେଳ ଶିକ୍ଷକ ବ୍ରଜ ଗୋପାଳ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ବ୍ଲକସ୍ତରୀୟ କ୍ରୀଡାକୁ ଖଣ୍ଡହତା ହାଇସ୍କୁଲର ସମସ୍ତ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।